ସକାଳ THE SAKALA



# ମଣ୍ଡିରେ ଚାଷୀଙ୍କୁ ଶୋଷଣ ଅଭିଯୋଗ

କବାଟବନ୍ଧ, ୧୧।୨(ସମିସ)



ଧର୍ମଶାଳା ବ୍ଲକର ବିଭିନ୍ନ ସମବାୟ ସମିତିରେ ଧାନ କିଣା ପାଇଁ ଖୋଲିଥିବା ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ଚାଷୀମାନଙ୍କ ଠାରୁ ଖର୍ଚ୍ଚ ବାବଦରେ ଟଙ୍କା ଆଦାୟ କରାଯାଉଥିଲେ ମଧ୍ୟ ଚାଷୀମାନେ ଏନେଇ ମୁହଁ ଖୋଲୁନାହାଁନ୍ତି। ପ୍ରଥମତଃ ମଣ୍ଡିକୁ ଠିକ୍ ସମୟରେ ଗାଡ଼ି ଆସୁ ନଥିବାରୁ ଚାଷୀ ମାନେ ଧାନ ଦେଇ ପାରୁନାହାଁନ୍ତି। ଅନ୍ୟ ପକ୍ଷରେ ଟଙ୍କା ନ ଦେଲେ କିମ୍ବା ସେ ସମ୍ବନ୍ଧରେ ଅଭିଯୋଗ କଲେ କାଲେ ଧାନ ମଣ୍ଡିରେ ଦେବାକୁ ଅସୁବିଧା ସୃଷ୍ଟି ହେବ ସେଥିପାଇଁ ଆଶଙ୍କାରେ ରହିଛନ୍ତି। ବ୍ଲକର ମଧୁସୂଦନପୁର ସେବା ସମବାୟ ସମିତି, ରେଖିଦେଇପୁର ସେବା ସମବାୟ ସମିତି, ତାଳଜଙ୍ଗ ଏବଂ ଏଣ୍ଡଲବାରେ ହେଉଥିବା ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସରକାର ମଣ୍ଡି ସୁପରିଚାଳନା ତଥା ଚାଷୀମାନେ କେମିତି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେଥିପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ମାତ୍ର କିଛି ଅସାଧୁ ଅଫିସର ଏବଂ କର୍ମଚାରୀମାନଙ୍କ ପାଇଁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଧୁସୂଦନପୁର, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଲବା ଆଦି ଧାନ ମଣ୍ଡି ହେଉଥିବା ସ୍ଥାନରେ ଭିତ୍ତିଭୂମି ନ ଥିବା ଅଭିଯୋଗ ହେଉଛି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଏହି ମଣ୍ଡି ଗୁଡ଼ିକରେ ଚାଷୀମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ମଧ୍ୟ ନାହିଁ। ଚାଷୀ ମାନେ ବସିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ବାଧ୍ୟ ହୋଇ ଚାଷୀମାନେ ଖରାରେ ବସିବା ସହିତ ହଇରାଣ ହେଉଛନ୍ତି। ଅନେକ ମଣ୍ଡିରେ ନାମକୁ ମାତ୍ର ସିସିଟିଭି; କିନ୍ତୁ ତାହା କାର୍ଯ୍ୟକ୍ଷମ ହେଉନାହିଁ। ପୂର୍ବ ବର୍ଷ ମଣ୍ଡିରୁ ଧାନ ଚୋରି ଭଳି ଏକ ସଙ୍ଗୀନ ଅଭିଯୋଗ ମଧ୍ୟ ହୋଇଥିଲା। ଜଣେ ଜଣେ ସମବାୟ ସମିତିର ସମ୍ପାଦକ ଏକାଧିକ ମଣ୍ଡି ଦାୟିତ୍ୱରେ ଥିବାରୁ ଏହି ଅବ୍ୟବସ୍ଥା ଦେଖା ଦେଉଥିବା ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ୍ୟ କୌଣସି ମଣ୍ଡି ପରିଦର୍ଶନ ନ କରିବା କାରଣରୁ ଏଭଳି ସ୍ଥିତି ଦେଖା ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆହୁରି ମଧ୍ୟ ଖର୍ଚ୍ଚ ବାବଦକୁ ୪୦ରୁ ୭୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରା ଯାଉଥିବା ଅଭିଯୋଗ ହେଉଛି। ଫଳରେ ମର୍ଜିତାପୁର, ମଧୁସୂଦନପୁର, ରାଇଛନ୍ଦା, ରେଖିଦେଇପୁର, କବାଟବନ୍ଧ, ତାଳଜଙ୍ଗ, ଏଣ୍ଡଲବା, ଅଞ୍ଜିରା, ଚକ୍ରଧରପୁର ଆଦି ଅଞ୍ଚଳର ଚାଷୀଙ୍କ ପାଇଁ ଏହା ବଡ଼ ଚିନ୍ତାର ବିଷୟ ହୋଇଛି। ଆବଶ୍ୟକୀୟ ଭିତ୍ତିଭୂମି ତଥା ସିସିଟିଭି, ଚାଷୀମାନଙ୍କ ବସିବା ସୁବିଧା, ଆଲୋକୀକରଣ ବ୍ୟବସ୍ଥା ସହ ଅନ୍ୟାନ୍ୟ କୌଣସି ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ ସିଏସ୍ଓ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ଏସ୍‌ବିଆଇର ନୂଆ ଆଉଟ୍‌ଲେଟ୍ ଉଦଘାଟିତ



ଯାଜପୁର, ୧୧।୨(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ଅଫିସ ପରିସରରେ ଥିବା ଆମ ବ୍ୟାଙ୍କ୍ ଗୃହରେ ଗତ ରବିବାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ନୂତନ ସିଏସପି ପ୍ଲସ (ବିଏଲଏସ ସହଯୋଗରେ) ଆଉଟ୍‌ଲେଟ୍ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଏଲ୍‌ଏସ୍ ଇଣ୍ଡିଆର ଆଞ୍ଚଳିକ ପ୍ରମୁଖ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଗ୍ରାହକ ସେବା କେନ୍ଦ୍ରକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଏଲଏସ ଏସବିଆଇର ଓଡ଼ିଶା ମୁଖ୍ୟ ରାଜାରାଓ ଆଚାରୀ, ଯାଜପୁର ଜିଲ୍ଲା ମୁଖ୍ୟ ପ୍ରବୀଣ କୁମାର ପଣ୍ଡା, ଖଣ୍ଡରା ସରପଞ୍ଚ କୁଞ୍ଜ ବିହାରୀ ଦାସ, ଗ୍ରାମ ମୁଖ୍ୟ ଆନନ୍ଦ ଚନ୍ଦ୍ର ମହଲା, ସ୍ୱୟଂ ସହାୟକ ଗୋଷ୍ଠୀ ସିଆରପି ଗୀତା ଦାସ, ଏମ୍‌ବିକେ ଅରୁଣିମା ଦେବତା, ବ୍ୟାଙ୍କମିତ୍ର ମମତା ପାଣିଗ୍ରାହୀ, ସିଆର୍‌ପି ମଞ୍ଜୁ ଗେଡ଼ି, ସିଏସପି ପ୍ଲସ ସତ୍ତ୍ୱାଧିକାରୀ ଅଶୋକ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସତ୍ତ୍ୱାଧିକାରୀ ଶ୍ରୀ ସେଠୀ ଏସ୍‌ବିଆଇ ବିଏଲଏସ ପକ୍ଷରୁ ଆଗାମୀ ଦିନରେ ବ୍ୟାପକ ବ୍ୟାଙ୍କ ସେବା ସ୍ଥାନୀୟ ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ; ସ୍ୱାମୀ ଅଟକ



ବିଞ୍ଝାରପୁର/ସିଂହପୁର, ୧୧।୨(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତର ୧୫ନଂ. ୱାର୍ଡର ଦୀନବନ୍ଧୁ ସାମଲଙ୍କ ସ୍ତ୍ରୀ କୁନିତା (୩୮)ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ତାଙ୍କ ଘର ପଛପଟ ବାଡ଼ିରେ ପଡ଼ିଥିବା ବୁଧବାର ସକାଳେ ଦେଖିବାକୁ ମିଳିଥିଲା। ଏହି ଘଟଣାର ଖବରପାଇ ମୃତ କୁନିତାଙ୍କ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହିତ କୁନିତାଙ୍କୁ ଶାଶୁଘର ଲୋକେ ସ୍ୱାମୀ, ଦିଅର, ଶାଶୂ, ଶଶୁର ମିଳିମିଶି ମାରିଦେଇଛନ୍ତି ବୋଲି ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୃତ କୁନିତାଙ୍କ ବାପଘର ପକ୍ଷରୁ ଅଭିଯୋଗପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି କୁନିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣାକୁ ନେଇ ପୁଲିସ ଏକ ମାମଲା ନଂ. ୭୮/୨୬ ରୁଜ କରିବା ସହିତ ଜଣକୁ ଥାନାରେ କୁନିତାଙ୍କ ସ୍ୱାମୀ ଦୀନବନ୍ଧୁଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରି ତଦନ୍ତ କରୁଥିବା ଜଣାପଡ଼ିଛି। ମୃତ କୁନିତାଙ୍କ ଭାଉଜଙ୍କ ଅଭିଯୋଗ ଅନୁଯାୟୀ କୁନିତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଥାନା ଅଞ୍ଚଳରେ ଥିବା ବେଳେ ୨୦୧୦ ମସିହାରେ କୁନିତାଙ୍କର ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତର ଦ୍ୱାରିକା ସାମଲଙ୍କ ପୁଅ ଦୀନବନ୍ଧୁ ସାମଲଙ୍କ ସହିତ ବୈଦିକମତେ ବିବାହ କରାଯାଇଥିଲା। ବିବାହ ପରେ କିଛି ବର୍ଷ ପରେ ଶଶୁରଘର ଲୋକେ କୁନିତାଙ୍କୁ ବାପଘର ଅଧିକ ଟଙ୍କା ଆଣିବା ପାଇଁ ଚାପ ପକାଇବା ସହିତ ଶାରୀରିକ, ମାନସିକ ଯନ୍ତ୍ରଣା ଦେବା ସହିତ ମାଡ ମାରୁଥିଲେ। ସ୍ୱାମୀ ଦୀନବନ୍ଧୁ ଏକ ଦୋକାନ ଖୋଲିବା ପାଇଁ କୁନିତାଙ୍କୁ ବାପା-ଭାଇଙ୍କଠାରୁ ୫୦ ହଜାର ଟଙ୍କା ଆଣିଦେବାକୁ ବାଧ୍ୟ କରୁଥିଲେ। ସେଥିରେ କୁନିତା ରାଜି ନ ହେବାରୁ କୁନିତାଙ୍କୁ ଶାଶୂଘର ଲୋକେ ମିଳିମିଶି ମଙ୍ଗଳବାର ବିଳମ୍ବିତ ରାତିରେ କିରାସିନ ଢାଳି ନିଆଁ ଲଗାଇ ମାରି ଦେଇ ଅର୍ଦ୍ଧଦଗ୍ଧ ମୃତଦେହକୁ ନିକଟସ୍ଥ ବାଡ଼ିରେ ପକାଇଥିବା ଭାଉଜ ତପସ୍ୱିନୀ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ବିଞ୍ଝାରପୁର ଅତିରିକ୍ତ ଥାନାଧିକାରୀ ପାର୍ବତୀ ମଲ୍ଲିକଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ମୃତ କୁନିତାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଅନାବାଦୀ ଜମି ହଡ଼ପ୍ ଅଭିଯୋଗ



ପ୍ରୀତିପୁର, ୧୧।୨(ସମିସ): ଟିଣା ଗ୍ରାମର ଅନାବାଦୀ ଜମିକୁ ତଞ୍ଚକତା କରି ନିଜ ହେପାଜତକୁ ନେଇ ବେଆଇନ ଭାବେ ନିର୍ମିତ ସ୍ଥାୟୀ ଘର ନିର୍ମାଣ ଉପରେ ରୋକ ଲଗାଇଛନ୍ତି ସିଭିଲ ଜଜ୍। ବିଞ୍ଝାରପୁର ବ୍ଲକର ଟିଣା ଗ୍ରାମ ପଞ୍ଚାୟତରେ ୧୯୨୮ ମସିହା ବନ୍ଦୋବସ୍ତ ସମୟରେ ମୌଜା-ଟିଣା, ସାବକ ଖାତା ନଂ-୨୭୮ ରକବା-୧.୪୪ ଅନାବାଦୀ ଜମି ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେଉଥିଲା। ଗୋରୁଗାଈ, ଛେଳି ମେଣ୍ଢା ଚରିବା ଆଦି କାମ ଏହି ଅନାବାଦୀ ଜମିକୁ ଲୋକେ ବ୍ୟବହାର କରୁଥିଲେ। କିନ୍ତୁ ସମୟକ୍ରମେ ନୂତନ ବନ୍ଦୋବସ୍ତ ହାଲ୍ ପ୍ଲଟ ନଂ-୧୧୬, ୧୪୮, ୧୪୯, ୧୫୧ ଭାବେ ଚାରୋଟି ନୂଆ ଅନାବାଦୀ ପ୍ଲଟ ହୋଇଥିଲା। କିନ୍ତୁ କିଛି କ୍ଷମତା ଲିପ୍ସୁ ଓ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ମୂଲ୍ୟବାନ ଅନାବାଦୀ ସମ୍ପତ୍ତିକୁ ହାତେଇବାକୁ ତହସିଲଦାର ଅଫିସ ସହିତ ଯୋଗାଯୋଗ କରି ଅଧିକାରୀଙ୍କୁ ଲାଞ୍ଚ ଦେଇ ଉକ୍ତ ସରକାରୀ ସମ୍ପତ୍ତିଙ୍କୁ ପ୍ରାୟ ୧୧ ଜଣ ନିଜ ନାମରେ କରିନେଇ ନିଜେ ଭୋଗ ଦଖଲ କରୁଛନ୍ତି। ଏହା ଦ୍ୱାରା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାର ଆଦିକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏଥିରେ କୌଣସି ସୁଫଳ ନମିଳିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରୁ ଯଦୁମଣି ନାୟକ, କ୍ଷୀରୋଦ ଚନ୍ଦ୍ର ପଣ୍ଡା, ବିଚିତ୍ରା ନନ୍ଦ ପଣ୍ଡା ଓ ଅମିତା ନାୟକ ପ୍ରମୁଖ ଜୁନିଅର ଡିଭିଜନ, ସିଭିଲ ଜଜଙ୍କ ନିକଟରେ କେଶ ଦାୟର କରିଥିଲେ। ଯାହାର କେଶ ନଂ-ଆଇ. ଏ.-୨୦୭/୨୫ ଅଟେ। କୋର୍ଟ ସମସ୍ତ କାଗଜପତ୍ର ତନଖି କରି ଓ ଦୁଇପକ୍ଷଙ୍କ ଯୁକ୍ତିକୁ ଶୁଣାଣି କରି ଉକ୍ତ ବିବାଦମାନ ଅନାବାଦୀ ସମ୍ପତ୍ତି ଉପରେ କୌଣସି ସ୍ଥାୟୀ କାମ ନକରିବାକୁ ଅନିର୍ଦ୍ଦିଷ୍ଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କେଶର ଫଇସଲା ନ ହେଲା ପର୍ଯ୍ୟନ୍ତ ଉକ୍ତ ସମ୍ପତ୍ତି ଉପରେ ସ୍ଥିତାବସ୍ଥା ବଜାଇ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

## କୁଆଖିଆରେ ନୂଆ ଥାନା ଅଧିକାରୀ



ରସୁଲପୁର, ୧୧।୨(ସମିସ): କୁଆଖିଆ ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ନୂତନ ଥାନା ଅଧିକାରୀ ଭାବରେ ସୁଶାନ୍ତ କୁମାର ସେଠୀ ଯୋଗଦେଇଛନ୍ତି। ୨୦୨୫ ବର୍ଷରେ ସବଇନ୍ସପେକ୍ଟର ପଦବୀରୁ ଇନ୍ସପେକ୍ଟର ପଦବୀକୁ ପଦନ୍ନୋତି ପାଇଥିଲେ। ଯାଜପୁର ଜିଲ୍ଲାରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇ କାର୍ଯ୍ୟ କରୁଥିଲେ। ସେ ତାଙ୍କ କାର୍ଯ୍ୟକାଳ ସମୟରେ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ଅଧୀନସ୍ଥ ବ୍ରହ୍ମବରଦା, ମଙ୍ଗଳପୁର, ବିଞ୍ଝାରପୁର, ଯାଜପୁରରୋଡ୍ ଆଦର୍ଶ ଥାନାରେ ସବଇନ୍ସପେକ୍ଟର ଭାବରେ କାର୍ଯ୍ୟକରି ସଫଳତା ଅର୍ଜନ କରିଥିଲେ। କୁଆଖିଆ ଥାନାର ପୂର୍ବରୁ ଥିବା ଅଧିକାରୀ ଚିନ୍ମୟୀ ସାହୁଙ୍କୁ ବରୀ ଥାନାକୁ ବଦଳି କରାଯାଇଛି।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର



ବ୍ରହ୍ମବରଦା, ୧୧।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଦୀର୍ଘ ଆଠଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଯାପନ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମବରଦା ପଞ୍ଚାୟତର ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଶିକ୍ଷାବିତ୍ ଆଲ୍ଲାଉଦ୍ଦିନ ଖାଁ, ସମାଜସେବୀ ପ୍ରଦୀପ ଦାସ, ଅମୂଲ୍ୟ ରାଉତ, ପ୍ରଫୁଲ୍ଲ ଗିରି ଯୋଗଦେଇଥିଲେ। ଅତିଥି ପରିଚୟ ସହ କାର୍ଯ୍ୟକ୍ରମକୁ ଡ. ରଶ୍ମୀକାନ୍ତ ଦାଶ ସଞ୍ଚାଳନ କରିଥିବାବେଳେ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କମଧ୍ୟରେ ଅଧ୍ୟାପକ ସୌଭାଗ୍ୟକୁମାର ସାହୁ, ସୂର୍ଯ୍ୟକାନ୍ତ ରାଉତ, ଶିବପ୍ରସାଦ ସାହୁ, ବାବୁଲା ରଣା, ବିନୟ କୁମାର ରାଉତ, ଧର୍ମେନ୍ଦ୍ର ମହାନ୍ତି, କୁଞ୍ଜବିହାରୀ ମହାନ୍ତି, ଅଧ୍ୟାପିକା ଜୟଶ୍ରୀ ନାୟକ, ରଶ୍ମିତା ସାମଲ, ସାଗରିକା ଦାଶ, ସଞ୍ଜିତା ପରୱିନ, ଅକ୍ତର ଅଲି, ସୁନିଲ ଓଝା, ରାମଚନ୍ଦ୍ର ମଲିକ, ଦୁଃଶାସନ ବେହେରା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଖେଳ ଶିକ୍ଷକ ବିବେକାନନ୍ଦ ଜେନା ଆଠଦିନର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇବା ସହ ଧନ୍ୟବାଦ ଦେଇଥିଲେ। ଟ୍ରେନର ମୋନାଲିସା ଓଝା ଓ ପୁରାତନ ଛାତ୍ରୀ ଆକାଂକ୍ଷା ନାୟକ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ।

## ଅବସର କାଳୀନ ସମ୍ବର୍ଦ୍ଧନା ସଭା



ମଙ୍ଗଳପୁର, ୧୧।୨(ସମିସ): ଦଶରଥପୁର ବ୍ଲକର ମା' କୁଆଁସ ମଙ୍ଗଳା ପୀଠରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଦଶରଥପୁର ବ୍ଲକ ଶାଖା ସଂଗଠନର ପୂର୍ବତନ ବ୍ଲକ ସଭାପତି ତଥା ପୂର୍ଣ୍ଣଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ରାୟ ଓ ବ୍ଲକର ସମ୍ପାଦକ ତଥା ସିଦ୍ଧେଶ୍ୱର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପାଣିଗ୍ରାହୀଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପଦେଷ୍ଟା କମଳାକାନ୍ତ ସନ୍ଧିବିଗ୍ରହ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ମହାସଚିବ ଚାରୁଲତା ମହାପାତ୍ର, ଜିଲ୍ଲା ସଭାପତି ବିଜୟ ନାୟକ, ଜିଲ୍ଲା ଉପଦେଷ୍ଟା ବିଜୟ ନାୟକ, ବିଞ୍ଝାରପୁର ବ୍ଲକର ସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ସୁବାସ ନାୟକ, ଧର୍ମଶାଳା ସମ୍ପାଦକ ଆର୍ତ୍ତତ୍ରାଣ ସେଠୀ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ବିଆର୍‌ସିସି ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥି ମାନେ ଦୁଇ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦଶରଥପୁର ବ୍ଲକ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ଡାହାଣୀ କୁପ୍ରଥା ସଚେତନତା କର୍ମଶାଳା



ଯାଜପୁର, ୧୧।୨(ସମିସ): ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ଅତିଥି ରୂପେ ଯୋଗ ଦେଇ ଡାହାଣୀ କୁପ୍ରଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସାହୁ କହିଥିଲେ ଯେ ଡାହାଣୀ ପ୍ରଥା ସମାଜର ଏକ ବ୍ୟାଧି। ନିଃସହାୟ ମହିଳା ଏଥିରେ ଶିକାର ହୁଅନ୍ତି, ନିର୍ଯାତିତା ହୁଅନ୍ତି। ସେମାନଙ୍କୁ ଡାହାଣୀ ଆଖ୍ୟା ଦେଇ ସେମାନଙ୍କ ସମ୍ପତ୍ତି ହଡ଼ପ କରାଯାଏ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଏହା ହୁଏ। ଡାହାଣୀ, ତନ୍ତ୍ର ମନ୍ତ୍ର, ଚେଙ୍କ ଦେବା ଏସବୁ କୁପ୍ରଥା ଏବଂ ଅନ୍ଧ ବିଶ୍ୱାସ। ବରଂ ଶରୀରରେ ରୋଗ ହେଲେ ଡାକ୍ତରଖାନା ଯିବା ଉଚିତ ବୋଲି ସେ କହିଥିଲେ। ଏହି କର୍ମଶାଳାରେ ବିଶେଷଜ୍ଞ ଏବଂ ଆଇନଜୀବୀ ଯୋଗ ଦେଇ ଓଡ଼ିଶା ପ୍ରିଭେନସନ୍ ଅଫ୍ ୱିଚ ହଣ୍ଟିଂ ଆକ୍ଟ, ୨୦୧୩, ଭାରତୀୟ ନ୍ୟାୟ ସଂହିତାରେ ଥିବା ପ୍ରାବଧାନ, ଆଇନ କାନୁନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡାହାଣୀ ନିର୍ଯାତନା ଏବଂ ବାଲ୍ୟ ବିବାହ ସମ୍ପର୍କିତ ମାମଲା ପାଇଁ ପୁଲିସ ହେଲ୍ପ ଲାଇନ୍, ମହିଳା ହେଲ୍ପ ଲାଇନ୍- ୧୮୧, ଶିଶୁ ସହାୟତା ହେଲ୍ପ ଲାଇନ୍ - ୧୦୯୮ ସୁଭଦ୍ରା ହେଲ୍ପ ଲାଇନ୍ - ୧୪୬୭୮କୁ କଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଆଶା ଓ ଅଙ୍ଗନବାଡ଼ି କର୍ମୀ, ଆଇସିଡିଏସ ସୁପରଭାଇଜର, ସିଡିପିଓମାନେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବାଲିଚନ୍ଦ୍ରପୁର, ୧୧।୨(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ବଡ଼ଚଣା ପଞ୍ଚାୟତ ସମିତିର ମିଳିତ ସହଯୋଗରେ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବଡ଼ଚଣା ବ୍ଲକର ଦ୍ୱିତୀୟ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛଇ। ଏଥିରେ ୧୬୬ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ଏଥି ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗର ୮୭, ଦୃଷ୍ଟିବାଧିତ ୧୩, ଶ୍ରବଣ ବାଧିତ ୩୪, ମସ୍ତିଷ୍କ ଅନଗ୍ରସର ୨୯ ଓ ଭେଷଜର ୩ ଜଣ ଅନ୍ତର୍ଭୁକ୍ତ। ତେବେ ଆଜିର ଏହି ଶିବିରରେ ୧୨ ଜଣ ଦିବ୍ୟାଙ୍ଗଙ୍କୁ ନୂତନ ହୁଇଲ ଚେୟାର, ୫ ଜଣଙ୍କୁ କାନ ମେସିନ, ୩ ଜଣଙ୍କୁ କ୍ଲଚେସ ମେସିନ ପ୍ରଦାନ କରାଯାଇଥିବା ବେଳେ ୫ ଦିବ୍ୟାଙ୍ଗଙ୍କୁ ନୂତନ ପେନସନ ଭତ୍ତା, ୫ ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଥିଲା। ସେହିପରି ୨ ଦିବ୍ୟାଙ୍ଗ ଛାତ୍ରଙ୍କୁ ବାଣିଶ୍ରୀ ଛାତ୍ର ବୃତ୍ତି ଅର୍ଥ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭିନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ତଥା ସମାଜସେବୀ ସୀତାନାଥ ବଳସାମନ୍ତଙ୍କ ସଞ୍ଚାଳନରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ ଯୋଗଦେଇ ଶିବିର ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ସୌମ୍ୟାଶ୍ରୀ ଦାସ, ଏବିଡିଓ ଜ୍ଞାନଦା ନାୟକ, ବ୍ଲକ ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ରାଉତ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ବିଶ୍ୱାଳ ଯୋଗ ଦେଇଥିଲେ।

## ଭାରତ ବନ୍ଦ ଡାକରାକୁ ସଫଳ କରିବାକୁ ନିବେଦନ

ଯାଜପୁର, ୧୧।୨(ସମିସ): ସମଗ୍ର ଭାରତବର୍ଷରେ ବିଭିନ୍ନ ସମସ୍ୟାକୁ ନେଇ ଆସନ୍ତାକାଲି ଭାରତୀୟ ରାଷ୍ଟ୍ରୀୟ ମଜ୍‌ଦୁର ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସ୍ୱାଧୀନ ଫେଡେରେସନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ଗୁରୁବାର ଦିନ ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ୪ଟି ଲେବର କୋର୍ଟକୁ ପ୍ରତ୍ୟାହାର, ମନରେଗା ସ୍କିମ୍‌ର ପୁନରୁଦ୍ଧାର, ୨୦୨୫ ବିଦ୍ୟୁତ ବିଲ୍ ପ୍ରତ୍ୟାହାର, ମାସକୁ ସର୍ବନିମ୍ନ ୨୬ ହଜାର ଟଙ୍କା ମଜୁରୀ, ଅଙ୍ଗନବାଡ଼ି, ପାଚିକା, ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ସମସ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା ଦାବିରେ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି। ଏଣୁ ଓଡ଼ିଶାର ସମସ୍ତ ବ୍ୟବସାୟ ସଂଗଠନ, ବ୍ୟାଙ୍କ ଅଫିସ୍, ଗାଡ଼ି ଚଳାଚଳ ପ୍ରଭୃତି ବନ୍ଦ ରହିବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ଧର୍ମଘଟକୁ ସଫଳ କରିବା ପାଇଁ ଛାତ୍ରଯୁବକ, ଚାଷୀ, ମୂଲିଆ, ଶ୍ରମିକ ପ୍ରଭୃତି ସହଯୋଗ କରିବା ପାଇଁ ରାଷ୍ଟ୍ରୀୟ ମଜ୍‌ଦୁର କଂଗ୍ରେସ ଜାତୀୟ ଉପସଭାପତି, ରାଜ୍ୟ ସଭାପତି, ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ଅନୁରୋଧ କରିଥିବା ବେଳେ ଯାଜପୁର ଆଇଏନ୍‌ଟିୟୁସି ପକ୍ଷରୁ ନିରଞ୍ଜନ ପଣ୍ଡା, ମଧୁସୂଦନ ଜେନା, ରଘୁନାଥ ମାଝୀଙ୍କ ସମେତ ଜିଲ୍ଲା କଂଗ୍ରେସର ନେତୃମଣ୍ଡଳୀ ମନୋଜ ରାଉତ, ସନ୍ତୋଷ ନନ୍ଦ, ବିଷ୍ଣୁ ରାଉତ, ସୁଦୀପ୍ କର, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ବିଳାସ ରାଉତ, ଭାସ୍କର ମହାନ୍ତି, ଦିଲ୍ଲୀପ ଦାସ, ଗୋବିନ୍ଦ ସାହୁ, ନିକୁଞ୍ଜ ସାମଲ, ବିଭୂତି ମହାପାତ୍ର, ସଂଗ୍ରାମ ଜେନା, କନକ ରାଉତ, ହୃଷୀକେଶ ପତି ପ୍ରଭୃତି ବନ୍ଦକୁ ସଫଳ କରିବା ସହିତ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ବେଆଇନ କ୍ରସର ମାଲିକଙ୍କ ପାଇଁ ଅଡୁଆ

ଜେନାପୁର, ୧୧।୨(ସମିସ)

ଏକଦା ରାଜ୍ୟରେ ବେଆଇନ କଳା ପଥର ଉତ୍ତୋଳନ, ପରିବହନ ଓ ଶହ ଶହ କୋଟି ଟଙ୍କାର ରାଜସ୍ୱ ବାବଦରେ ଫାଇନ ହେଉ କିମ୍ବା କଳାପଥର କଳା ଟଙ୍କାକୁ ନେଇ ହତ୍ୟା ଭଳି ପ୍ରସଙ୍ଗ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ସେହି କ୍ରମେ ବାଲେଶ୍ୱର କ୍ରସର୍ ମାଲିକ ସଂଘ ୨୪-୧୧-୨୫ ତାରିଖରେ ଏକ ଲିଖିତ ଅଭିଯୋଗ ଅନୁଯାୟୀ ନିର୍ଦ୍ଧାରିତ କର୍ଯ୍ୟପ୍ରଣାଳୀ ୫୮(୮) ଲଘୁ ଖଣିଜ ସମ୍ପଦ ନିୟମ ୨୦୧୬ ଅନୁଯାୟୀ ଉତ୍ତୋଳନ ଓ ପରିବହନ କରିବା ପାଇଁ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଓଡ଼ିଶା ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଥିଲେ। ତା' ସହିତ ଓଡ଼ିଶାର ସମସ୍ତ ଖଣି ଉପନିର୍ଦ୍ଦେଶକ ଓ ଖଣି ଅଧିକାରୀଙ୍କୁ ଏସ୍‌ଓପି ଧାରାବାହିକ ଆଇ୪ଏମ୍‌ଏସ୍ ନିୟମ ଅନୁଯାୟୀ ସମସ୍ତ କ୍ରସର୍ ୨୦-୨-୨୦୨୬ ତାରିଖ ସୁଦ୍ଧା ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ବେଆଇନ୍ କ୍ରସରମାଲିକଙ୍କ ପାଇଁ ଅଡୁଆ ସାଜିଛି।

ମୁନାଫାଖୋର କ୍ରସର ମାଲିକମାନେ କଳାପଥର ହରିଲୁଟର ମାଧ୍ୟମ ସାଜିଛନ୍ତି। ପାହାଡ଼ର ଚାରିପାଖରେ କ୍ରସର ତିଆରି କରି କିଭଳି ସହଜରେ ସୁବିଧାରେ ସରକାରୀ ସମ୍ପତ୍ତିକୁ ଚୋରି କରି ନିଜର ସମ୍ପତ୍ତିକୁ ଶହେ ଗୁଣ ବୃଦ୍ଧି କରିବେ ସେଥିପାଇଁ ଯୋଜନା କରିଚାଲିଛନ୍ତି। ପାହାଡ଼ ଠାରୁ ମାତ୍ର ୫୦୦ ମିଟରରୁ ଗୋଟେ କିଲୋମିଟର ଭିତରେ କ୍ରସର ତୋଳି ବିନା ଟିପି (ଟ୍ରାଞ୍ଜିଟ ପାସ୍)ରେ ହଜାର ହଜାର ମେଟ୍ରିକ୍ ଟନ କଳା ପଥର ଚୋରାଚାଲାଣ କରୁଛନ୍ତି। ଯାହା ଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହୁଛନ୍ତି। ଅଧାରୁ ଅଧିକ କ୍ରସର୍ ସରକାରୀ ନିୟମ ଭିତରେ ଚାଲୁ ନାହିଁ। ରାଜ୍ୟ ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗର ତା. ୫-୫-୨୫ ରିଖ ପତ୍ର ସଂଖ୍ୟା ୪୨୦୬ ଦ୍ୱାରା ଧାରାବାହିକ କାର୍ଯ୍ୟ (ଆଇ୪ଏମ୍‌ଏସ୍) ପ୍ରଣାଳୀ ଅନୁଯାୟୀ ଷ୍ଟୋନ କ୍ରସର ପଞ୍ଜୀକରଣ ହେବା ଜରୁରୀ ବୋଲି ଚିଠିରେ ଉଲ୍ଲେଖ ହୋଇଛି। ତା' ସହିତ ସମସ୍ତ ବିଭାଗୀୟ ଅନୁମତି ଓ ନିର୍ଦ୍ଦେଶାବଳୀକୁ ମାନିବାକୁ ନିର୍ଦ୍ଦେଶ ରହିଛି। ଏତଦ୍ ନିର୍ଦ୍ଦେଶ ଅନୁସାରେ କ୍ରସର ଚାଲିବା ପାଇଁ ଖଣି ଲିଜଧାରୀଙ୍କ ସହିତ କ୍ରସର ମାଲିକ ସରକାରୀ ନିୟମ ଭିତ୍ତିରେ ଅନୁବନ୍ଧିତ ହୋଇ କୁଆଁରି ଲିଙ୍କେଜ ଜରିଆରେ କଳା ପଥର କ୍ରୟ ବିକ୍ରୟ କରିବାର ନିୟମ ରହିଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ପରିବେଶ ସୁରକ୍ଷା ପ୍ରତି କ୍ରସର ମାଲିକମାନଙ୍କ ଗୁରୁତ୍ୱ ଦେଉନାହାନ୍ତି। ପାଚେରୀ ନିର୍ମାଣ, ବୃକ୍ଷରୋପଣ, ସିସିଟିଭି, ଜଳ ସିଞ୍ଚନର ବ୍ୟବସ୍ଥା ଆବଶ୍ୟକ ସ୍ଥଳେ ଏସବୁ ନିୟମ ପାଳନ କରୁନାହାନ୍ତି। ସରକାରୀ ନିୟମକୁ ପାଦରେ ଦଳି ଲକ୍ଷ ଲକ୍ଷ ଟନ କଳାପଥର ଚୋରା ଉପାୟରେ ଆଣି ଗଚ୍ଛିତ ରଖୁଛନ୍ତି। କ୍ରସର ଚାରି ପାଖ ପାଚେରି ନିର୍ମାଣ କରୁନାହଁନ୍ତି କି ବୃକ୍ଷରୋପଣ ହେଉନାହିଁ। କ୍ରସର ଚାଲୁଥିବା ସମୟରେ ସ୍ପ୍ରିଙ୍କଲର ଜରିଆରେ ଜଳ ସିଞ୍ଚନ ହେଉନାହିଁ। ଏହାଦ୍ୱାରା କ୍ରସର୍‌ରୁ ବାହାରୁଥିବା ପଥର ଗୁଣ୍ଡ ପବନରେ ଏଣେ ତେଣେ ଉଡ଼ି ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ କ୍ରସରରେ କାମ କରୁଥିବା ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଛି। ତା'ସହିତ ଆଖ ପାଖରେ ବସବାସ କରୁଥିବା ଲୋକମାନେ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଏହି ସବୁ ନିୟମକୁ ପାଳନ କରି କେତେ ଦୂର କ୍ରସର ମାଲିକମାନେ କାମ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ୧୩ରୁ ଜାତୀୟ ସଂହତି ଉତ୍ସବ

**ବ୍ୟାସନଗର,୧୧।୨(ସମିସ):** ଗତ ୩୫ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଯାଜପୁର ରୋଡ୍ ବାଣିଜ୍ୟ ମେଳାର ନାମ ପରିବର୍ତ୍ତନ କରାଯାଇ ଚଳିତ ବର୍ଷ ଠାରୁ ଏହା ଜାତୀୟ ସଂହତି ଦିବସ ଭାବେ ପାଳନ କରାଯିବ। ଆସନ୍ତା ୧୩ ତାରିଖରୁ ୪ ଦିନ ପାଇଁ ସ୍ଥାନୀୟ କୋପଣ୍ଡ ଛକ ନିକଟ ବ୍ୟାସଦେବ ଗୋଶାଳା ପଡ଼ିଆରେ ଏହା ଅନୁଷ୍ଠିତ ହେବ। ଏନେଇ ବୁଧବାର ବାଣିଜ୍ୟ ମେଳା କମିଟି ପକ୍ଷରୁ ଏକ ଗଣମାଧ୍ୟମ ସମ୍ମିଳନୀ କରି ସୂଚନା ଦିଆଯାଇଛି। ଏଠାରେ ଜାତୀୟ ସ୍ତରରେ କଳା, ସଂଗୀତ ଏବଂ ବାଦ୍ୟ କ୍ଷେତ୍ରରେ ନିଖୁଣ ଛାପ ଛାଡ଼ିଯାଇଥିବା କିମ୍ବଦନ୍ତୀ କଳାକାରମାନଙ୍କୁ ସମ୍ମାନ ଦେବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କ୍ରମରେ ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ସହିତ ସୁଦୂର କଲିକତା, ମୁମ୍ବାଇ, କେରଳ ଓ ମିଜୋରାମ ଆଦି ଅଞ୍ଚଳରୁ ଆସୁଥିବା କଳାକାରମାନେ ସେମାନଙ୍କର କଳାନୈପୂଣ୍ୟ ପ୍ରଦର୍ଶନ କରିବେ। ମୁମ୍ବାଇର ପ୍ରସିଦ୍ଧ ଗାୟକ "ଆଲୋକ କାଟଡରେ ଓ ଗୁଲ ସାକ୍ସେନା ୧୪ତାରିଖରେ ସେମାନଙ୍କର ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିବେ। ୧୫ ତାରିଖରେ କଲିକତାର ଅର୍ପିତା, ଜୟଦୀପ ଓ ମହମ୍ମଦ ସଲିମ୍ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହାଛଡ଼ା କେରଳ, ମିଜୋରାମ, ଓଡ଼ିଶାର ବିଭିନ୍ନ ହସ୍ତ ଓ କୁଟୀର ଶିଳ୍ପର ବିପଣୀ ମଣ୍ଡପମାନ ସ୍ଥାନ ପାଇବ। ୧୩ ତାରିଖ ସନ୍ଧ୍ୟାରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉତ୍ସବର ବହୁ ବିଶିଷ୍ଟ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ମେଳାର ପ୍ରମୁଖ ବିଷୟବସ୍ତୁ ଭାବେ "ଏକତା ହିଁ ପ୍ରଗତି' ଉପରେ ଆଧାରିତ ବାର୍ତ୍ତା ରହିଛି। ମେଳାର ଆୟୋଜନରେ ମେଳା କମିଟିର ସଦସ୍ୟ ପ୍ରମୋଦ କୁମାର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଦାଶ, ସଂଗ୍ରାମ ରାଉତ, ଅର୍ଜୁନ କୁମାର ସ୍ୱାଇଁ, ବିନୋଦ ବିହାରୀ ଜେନା, ଜଗବନ୍ଧୁ ଦାସ, ସ୍ମୃତିରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମନାଭ ମୁଖୀ, ରୁଦ୍ରମଣି ମୁଖୀ, ଉଦ୍ଧବ ଜେନା, ବଳଦେବ ନନ୍ଦ, ମାନସ ସାମଲ, ଦେବାଂଶୁ ସିଲ, ସୁଭାଶିଷ ରାଉତ, ଶେଖ୍ ଜଲାଲଉଦ୍ଦିନ୍ ଓ ମିସବାହୁଲ ହକ୍ ପ୍ରମୁଖ ମେଳାକୁ ସରସ ସୁନ୍ଦର କରିବା ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି।

## ଦର୍ଶନଶାସ୍ତ୍ର ବିଭାଗର ଆଲୋଚନାଚକ୍ର

ମଙ୍ଗଳପୁର,୧୧।୨(ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ 'କୃତ୍ରିମ ବୁଦ୍ଧିମତା ଯୁଗରେ ଦର୍ଶନଶାସ୍ତ୍ର' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ କଲେଜର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଦର୍ଶନ ବିଭାଗର ମୁଖ୍ୟ




ଶୁଭଲକ୍ଷ୍ମୀ ସେଠୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଆଲୋଚନା ଚକ୍ରର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ ଧାରଣା ଉପସ୍ଥାପନ କରିଥିଲେ। ରିସୋର୍ସ ପର୍ସନ ଭାବେ ଏସ୍‌ବିଆର୍ ସରକାରୀ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁରର ଦର୍ଶନ ବିଭାଗର ସହାୟକ ପ୍ରଫେସର ଡ. ଗୌରାଙ୍ଗ ଚରଣ ବେହେରା ଯୋଗଦେଇଥିଲେ। ଆଲୋଚନା ଚକ୍ରରେ ଅଧ୍ୟାପକ ଗଣେଶ ପ୍ରସାଦ ପଣ୍ଡା, ଡ. ସତ୍ୟ ରଞ୍ଜନ ନାୟକ, ଅଧ୍ୟାପିକା ସ୍ମିତାରାଣୀ ଭଞ୍ଜ, ଡ. ସୁନୀତା ସାମଲ, ଡ. ଭାଗ୍ୟଶ୍ରୀ ରାୟ ଓ ଡ. ଶ୍ରଦ୍ଧାଞ୍ଜଳି ସାମଲ, ପୂର୍ଣ୍ଣିମା ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ଧର୍ମଶାଳା,୧୧।୨(ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ଚୋରମୁହାଁ ଗ୍ରାମର ଅବସରପ୍ରାପ୍ତ ବ୍ଲକ କର୍ମଚାରୀ ବଳରାମ ମହାନ୍ତିଙ୍କ ପତ୍ନୀ ତଥା ଜେନାପୁର ସ୍କୁଲର କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ମହାନ୍ତିଙ୍କ ମା' ଚଞ୍ଚଳା ଦେଇ (୮୮)ଙ୍କ ପରଲୋକ ହୋଇଯାଇଛି। ସେ ୪ ଦିନ ତଳେ ହଠାତ ବ୍ରେନ୍ ଷ୍ଟ୍ରୋକର ଶିକାର ହୋଇ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଧର୍ମଶାଳା ଡକ୍ତରଖାନା ଓ ପରେ ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସେ ଆଇସିୟୁରେ ରହିବା ପରେ ଗତକାଲି ରାତି ସାଢ଼େ ଆଠଟାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କୁ ରାତିରେ ନିଜଗ୍ରାମକୁ ନେଇ ଆସିଥିବା ବେଳେ ତାଙ୍କ ବାସଭବନରେ ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ଆଇନଜୀବୀ ସନ୍ତୋଷ କୁମାର ତରେଇ, ପୂର୍ବତନ ସରପଞ୍ଚ ବିପିନ ନାୟକ, ନାରାୟଣ ମଲିକ, କାର୍ତ୍ତିକ ମଲିକ, ଯୁବ ସଙ୍ଗଠକ ମଦନ ମୋହନ ନାୟକ, ମୁନା ଖାଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଆଜି ପୂର୍ବାହ୍ନରେ ଏକ ଶୋଭାଯାତ୍ରାରେ ବ୍ରାହ୍ମଣୀ ନଦୀକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ତଥା ବ୍ଲକ କର୍ମଚାରୀ ଅଭୟ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ।

## ସୁଧାକର ସାହୁଙ୍କ ସ୍ମୃତିସଭା



**ଧର୍ମଶାଳା,୧୧।୨(ସମିସ):** ଧର୍ମଶାଳା ବ୍ଲକ ବଡ଼ କାଏମା ଅଞ୍ଚଳର ସମାଜସେବୀ ସୁଧାକର ସାହୁଙ୍କ ଏକାଦଶାହ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭାଗବତ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଞ୍ଚାସିନ ଅତିଥି ଭାବେ କାମଦେବ ଶତପଥୀ, ସାଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ, କଂଗ୍ରେସ ନେତା କିଷାନ ପଣ୍ଡା, ଶ୍ରୀନାଥ ମିଶ୍ର, ବିଜେପି ନେତ୍ରୀ ସ୍ମୃତିରେଖା ପହି, ଅନନ୍ତ ଚରଣ ରାଉତ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଶିକ୍ଷକ ନଟବର ବେହେରା, ଶିକ୍ଷାବିତ୍ ତପନ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଧର ସାହୁ ମଞ୍ଚ ପରିଚାଳନା କରିଥିଲେ। ସ୍ୱାଭିମାନ ମଞ୍ଚ ଏବଂ ଅସହାୟ ବନ୍ଧୁ ସେବା ସଂଗଠନର ସଦସ୍ୟ ମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଜେପି ଯୁବ ସଂଗଠକ ଅଭିଷେକ ରାଉତ, ବିବେକ କୁମାର ଗନ୍ତାୟତ, ପ୍ରସନ୍ନ କୁମାର ପାଣିଗ୍ରାହୀ, କୈଳାସ ଚନ୍ଦ୍ର ମୁଦୁଲି, ଧ୍ରୁବ ଚରଣ ପୃଷ୍ଟି, ଗୋଲକ ଚନ୍ଦ୍ର ପଲେଇ, ବସନ୍ତ କୁମାର ପରିଡ଼ା ଗଣେଶ୍ୱର ନାୟକ, କାଏମା ସମିତି ସଭ୍ୟ ସୌମ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଲଘୁ ଖଣିଜ ସଂପଦ ଲୁଟ୍ ଓ ଧାନ ମଣ୍ଡି ଅବ୍ୟବସ୍ଥାର ପ୍ରତିବାଦ

# ଜିଲ୍ଲାପାଳଙ୍କ ଅଫିସ ଘେରିଲା ବିଜେଡି






ଯାଜପୁର,୧୧।୨(ସମିସ):

ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ଡବଲ ବିକାଶ ହେବାର ଯେଉଁ ସ୍ୱପ୍ନ ଦେଖାଇ ଆସିଥିଲେ ତାହା ଆଜି ପଦାରେ ପଡିଛି। ଇଞ୍ଜିନ ଅଛି; କିନ୍ତୁ ତାହା ଅଚଳ। ଜିଲ୍ଲାର ଲଘୁ ଖଣିଜ ସଂପଦ ଆଜି ଦିନ ଦ୍ୱିପ୍ରହରରେ ଲୁଟ୍ ହେଉଛି। ପ୍ରଶାସନର ସହାୟତାରେ ଏହି ଲୁଟ୍‌ରାଜ ଚାଲୁଛି। ସରକାରୀ ଦଳ ଓ ସରକାରୀ କଳର ମିଳିତ ଉଦ୍ୟମରେ ଜିଲ୍ଲାର ବାଲି, ମୋରମ, ପଥର ଭଳି ଲଘୁ ଖଣିଜ ସଂପଦକୁ ମାଫିଆଙ୍କ ହାତରେ ଟେକି ଦିଆଯାଉଛି। ୫୦୦ ଟଙ୍କାରେ ମିଳୁଥିବା ବାଲି ଟ୍ରିପ୍ ଆଜି ୨୦୦୦ରେ ପହଞ୍ଚିଛି। ସେହିଭଳି ଚାଷୀ ଆଜି ନିଜର କଷ୍ଟଅର୍ଜିତ ଧାନ ବିକ୍ରି ପାଇଁ ମଣ୍ଡି ଦୁଆରେ ଅଧିଆ ପଡିଛି। ଚାଷୀର ସମସ୍ୟା ଶୁଣିବାକୁ କେହି ନାହିଁ। ମନ ଇଚ୍ଛା କଟ୍‌ନୀ ଛଟ୍‌ନୀ କରାଯାଉଛି। ବାରମ୍ବାର ଯୋଗାଣ ମନ୍ତ୍ରୀ ଜିଲ୍ଲାକୁ ଆସୁଛନ୍ତି ସତ; କିନ୍ତୁ ଏହାର କୌଣସି ସୁବିଧା ପାଉନାହାଁନ୍ତି ଚାଷୀ। ଓଲଟି ଚାଷୀଙ୍କ ଠାରୁ ଅଧିକ କଟ୍‌ନୀ ଛଟ୍‌ନୀ କରାଯାଉଛି। ସେହିପରି ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡିଛି ଆଇନ ଶୃଙ୍ଖଳା। ଏଭଳି ଅଭିଯୋଗ ନେଇ ଆଜି ଯାଜପୁର ଜିଲ୍ଲା ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇଛି। ଆନ୍ଦୋଳନରେ ୭ଟି ନିର୍ବାଚନ ମଣ୍ଡଳୀର ହଜାର ହଜାର କାର୍ଯ୍ୟକର୍ତ୍ତା ସାମିଲ ହୋଇ ସରକାରୀ ବିରୋଧୀ ନାରାବାଜି ଦେଇଥିଲେ। ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସିଥିବା ବିଜେଡି କର୍ମୀମାନେ କୁସୁମା ପଡ଼ିଆ ନିକଟରେ ଏକତ୍ରିତ ହୋଇ ସେଠାରୁ ଏକ ବିଶାଳ ପଦଯାତ୍ରାରେ ବାହାରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିରୋଧରେ ନାରାବାଜି ଦେଇ ଜିଲ୍ଲାପାଳ ଅଫିସ ଅଭିମୁଖେ ବାହାରିଥିଲେ। ଏହି ପ୍ରତିବାଦ ଶୋଭାଯାତ୍ରାରେ ବିଜୁ ଜନତା ଦଳର ମହିଳା, ଯୁବ, କୃଷକ ସଂଗଠନର କାର୍ଯ୍ୟକର୍ତ୍ତା ସାମିଲ ହୋଇ ରାଜ୍ୟ ସରକାରଙ୍କୁ ନାନା ପ୍ରଶ୍ନ କରିଥିଲେ। ଏହି ପ୍ରତିବାଦ ଶୋଭାଯାତ୍ରା ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ରାଜ୍ୟ ବିରୋଧୀ ଦଳ ମୁଖ୍ୟ ସଚେତିକା ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ବଡଚଣା ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ କଡ଼ା ସମାଲୋଚନା କରିଥିଲେ। ଜିଲ୍ଲାରେ ଚାଷୀଙ୍କ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ଏବଂ ସରକାର ପ୍ରଶାସନକୁ ଶାନ୍ତିରେ ଶୁଆଇ ଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା। ପରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଆଜିର ଏହି ପ୍ରତିବାଦ ଶୋଭାଯାତ୍ରାରେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ବିଜେଡି ନେତା ବଳଭଦ୍ର ଦାସ, ଭରତ ଚନ୍ଦ୍ର ବେହେରାଙ୍କ ସମେତ ଜିଲ୍ଲାର ୧୦ଟି ବ୍ଲକ ଏବଂ ଦୁଇଟି ପୌରପାଳିକାରୁ ଆସିଥିବା ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଜନଗଣନା ପାଇଁ ତାଲିମ କାର୍ଯ୍ୟକ୍ରମ

**ଯାଜପୁର,୧୧।୨(ସମିସ):** ଯାଜପୁର ଜିଲ୍ଲାରେ ଜାତୀୟ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ପକ୍ଷରୁ ଜିଲ୍ଲାର ନୋଡାଲ ଅଧିକାରୀ ଭାବେ ମିଲିତା ଦତ୍ତ, ଉପେନ୍ଦ୍ର କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଡିଲିଂ ଆସିଷ୍ଟାଣ୍ଟ, ତିନି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀମାନେ ଯୋଗଦାନ କରିଥିଲେ। ଜନଗଣନା ଦାୟିତ୍ୱରେ ଥିବା ସହକାରୀ ଜିଲ୍ଲାପାଳ ନିବେଦିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଜନଗଣନା ଭାରତର ୧୬ତମ ଜନଗଣନା ଏବଂ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ। ଏହା ଦୁଇଟି ପର୍ଯ୍ୟାୟରେ ସଂପନ୍ନ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣନା ୨୦୨୬ ମସିହା ଏପ୍ରିଲ ୧୬ ତାରିଖରୁ ୧୫ ମଇ ପର୍ଯ୍ୟନ୍ତ ହେବ। ଏହା ପୂର୍ବରୁ ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରେ ଜନସାଧାରଣଙ୍କ ପାଇଁ ସ୍ୱ-ଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧ୍ୟମରେ ନାଗରିକମାନେ ନିଜ ତଥ୍ୟ ଅନ୍‌ଲାଇନ ୱେବସାଇଟ ଜରିଆରେ ପ୍ରଦାନ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୧ରୁ ୫ ମାର୍ଚ୍ଚ, ୨୦୨୭ ମଧ୍ୟରେ ରିଭିଜନାଲ ରାଉଣ୍ଡ କରାଯିବ। ମାର୍ଚ୍ଚ ୧, ୨୦୨୭ ରାତି ୧୨ଟାକୁ ଆଧାର କରି ଏହା କରାଯିବ। ଏହି ଜନଗଣନା ପ୍ରଥମ ଥର ପାଇଁ ସଂପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ କରାଯିବ। ସିଏମଏମଏସ ଓ ମୋବାଇଲ ଆପ୍ ମାଧ୍ୟମରେ ଗଣନାକାରୀମାନେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ। ଏହା ଦ୍ୱାରା ତଥ୍ୟର ସଠିକତା, ସ୍ୱଚ୍ଛତା ଓ ଦ୍ରୁତ ମନିଟରିଂ ସୁନିଶ୍ଚିତ ହେବ। ଏହି ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସାଧାରଣ ଓ ବିବିଧ ବିଭାଗରୁ ଜନଗଣନା ବିଭାଗର ଦାୟିତ୍ୱରେ ଥିବା ବିକାଶ ଦୀପ ତରାଇ, ଧନଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



## ସାହିତ୍ୟିକ ଶ୍ୟାମ ସୁନ୍ଦର ବାରିକଙ୍କ ପରଲୋକ

ବରୀ,୧୧।୨(ସମିସ): ସାହିତ୍ୟିକ ଓ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ବାରିକ (୮୦)ଙ୍କର ପରଲୋକ ଘଟିଛି। ସ୍ୱର୍ଗତ ବାରିକଙ୍କ ଘର ଯାଜପୁର ଜିଲ୍ଲା ବରୀ ବ୍ଲକ ଭଅଁରା ପଞ୍ଚାୟତ ନଦୀନାଳ ଘେରା ଭଅଁରା ଗ୍ରାମରେ। ବିଏ ପାସ କରିବା ପରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ସମଗ୍ର ଅଞ୍ଚଳରେ ବେଶ ଲୋକପ୍ରିୟ ଥିଲେ। ଶିକ୍ଷକତା ବୃତ୍ତି ସହ ସାହିତ୍ୟ ସାଧନା ଥିଲା ତାଙ୍କର ନିଶା। ଅଷ୍ଟମ ଶ୍ରେଣୀରେ ପାଠ ପଢ଼ିବା ବେଳେ ସାହିତ୍ୟରେ ତାଙ୍କର ପ୍ରବେଶ ହୋଇଥିଲା। ୧୯୮୦ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ "ମଧୁ ମାଳତୀର ସ୍ୱପ୍ନ' ପ୍ରକାଶ ପାଇ ବେଶ ପାଠକୀୟ ଶ୍ରଦ୍ଧା ଲାଭ କରିଥିଲା। ସାହିତ୍ୟିକ କୃତୀ ପାଇଁ ସେ ଭୂମିପୁତ୍ର ସାହିତ୍ୟ ସମାଜ କଲ୍ୟାଣ ପରିଷଦ, ଭଅଁରା, ଜଗନ୍ନାଥ ସଂସ୍କୃତିକ ପରିଷଦ, ବରୀ, ଗୋପବନ୍ଧୁ ଚୌଧୁରୀ ସ୍ମୃତି ସଂସଦ, ଅଖିଳଚକ୍ର ପତ୍ରିକା ପକ୍ଷରୁ ବିଭିନ୍ନ ସମ୍ମାନରେ ସମ୍ମାନିତ ହେଇଥିଲେ। ତାଙ୍କ ବିୟୋଗରେ ସାହିତ୍ୟ ଓ ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହେଲା ବୋଲି ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନା, ଜଗା ଶିଶୁ ସାହିତ୍ୟ ସଂସଦର ସଭାପତି ବ୍ରଜମୋହନ ସାମଲ, ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା, ଅଭିମନ୍ୟୁ ସାହିତ୍ୟ ପରିଷଦର ସଭାପତି ଡ. ରବୀନ୍ଦ୍ର କୁମାର ଦାସ, ପୁଣ୍ୟତୋୟାର ସମ୍ପାଦିକା ସବିତା ନାୟକ, ଡ. ନିରଞ୍ଜନ ସାହୁ, ଡ. ଅମୂଲ୍ୟ କୁମାର ପଣ୍ଡା, ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଶିକ୍ଷାବିତ ଦୁଃଶାସନ ଜେନା, ବିଜୟ କୁମାର ଜେନା, ନରେନ୍ଦ୍ର କୁମାର ପଣ୍ଡା, ଗୋପବନ୍ଧୁ ନାୟକ, ବିଶ୍ୱନାଥ ତ୍ରିପାଠୀ, ମହେଶ୍ୱର ପଳାଇ, ଅରୁଣ କୁମାର ବିଶ୍ୱାଳ, କୈଳାଶ ବିହାରୀ, ସନ୍ତୋଷ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ଜେନା, ବିଶ୍ୱଭୂଷଣ ଜେନା, ଶ୍ରୀନିବାସ ନାୟକ, କାହ୍ନୁ ଚରଣ ସ୍ୱାଇଁ, ପ୍ରଦୀପ ପଳାଇ, ସୁରେଶ ଚନ୍ଦ୍ର ବାରିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ୨ ଚେନ୍ ଲୁଟେରା ଗିରଫ

**ଯାଜପୁର,୧୧।୨(ସମିସ):** ୨ ଚେନ୍ ଲୁଟେରାକୁ ଗିରଫ କରି ଯାଜପୁର ଟାଉନ ପୁଲିସ ବୁଧବାର କୋର୍ଟଚାଲାଣ କରିଛି। ଗତ ୪ତାରିଖରେ ଦେବୀଗଡ଼ା ଘାଟ ନିକଟରୁ ଜ୍ୟୁମାରାଣୀ ବାରିକ ସନ୍ଧ୍ୟା ସମୟରେ ଯାଉଥିବା ବେଳେ ଲୁଟେରା ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ଏ ନେଇ ଜ୍ୟୁମାରାଣୀ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ତତ୍କାଳୀନ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଏକ ମାମଲା ରୁଜୁ କରି ଏସ୍‌ଆଇ ସୌରଭ ମାଝୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ମୋବାଇଲ ଛଡ଼ାଇ ନେଇ ଯାଉଥିବା ସମୟରେ ଦୁଇଜଣଙ୍କୁ ସ୍ଥାନୀୟ ଅଞ୍ଚଳବାସୀ କାବୁ କରିବା ସହ ବ୍ୟବହାର କରୁଥିବା ଗାଡ଼ିକୁ ଧରିଥିଲେ। ଖବର ପାଇ ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଦୁଇଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଚେନ୍ ଛିନ୍‌ତାଇ ସମେତ ଏକାଧିକ ଲୁଟ୍ ଘଟଣାରେ ଦୁଇଜଣ ସଂପୃକ୍ତ ଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଏପରିକି ଜବତ ବାଇକ ବହୁ ଲୁଟ୍‌ରେ ସାମିଲ ଥିବା ପୁଲିସ ଜାଣିବାକୁ ପାଇଥିଲା। ଏହି ଦୁଇଜଣ ଲୁଟେରା ହେଲେ ଯାଜପୁର ଟାଉନ ଥାନା ଗରିଆପୁର ଅଞ୍ଚଳର ସତ୍ୟଜିତ ବେହେରା (୨୬), ସଦର ଥାନା ଅଞ୍ଚଳର ମଣ୍ଟୁ ବେହେରା (୨୫) ବୋଲି ଜଣାପଡ଼ିଛି। ଉଭୟଙ୍କୁ ବୁଧବାର ଦିନ କୋର୍ଟ ଚାଲାଣ କରାଯାଇଛି।

## ସାମ୍ବାଦିକ ସଂଘ ଦ୍ୱାରା ସୌମ୍ୟରଞ୍ଜନ ସମ୍ବର୍ଦ୍ଧିତ



**ବ୍ୟାସନଗର,୧୧।୨(ସମିସ):** ରାଜ୍ୟ ସାମ୍ବାଦିକ ସଂଘ ଓଡ଼ିଶାର ୬ଷ୍ଠ ବାର୍ଷିକ ଉତ୍ସବ ଅବସରରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଯାଜପୁର ଜିଲ୍ଲାର ସମାଜସେବୀ ଇଂ. ସୌମ୍ୟରଞ୍ଜନ ଧଳ ସମ୍ବର୍ଦ୍ଧିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ଧଳ ଦୀର୍ଘ ବର୍ଷ ଧରି ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିବା ସହିତ ଯାଜପୁର ଜିଲ୍ଲା ବିଜେଡିର ଜଣେ ଟାଣୁଆ ଯୁବ ସଂଗଠକ ଭାବେ ତାଙ୍କର ଖ୍ୟାତି ରହିଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏବଂ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଆଦିତ୍ୟ ବାହିନି ଓଡ଼ିଶା ଶାଖା ମାତୃପ୍ରସାଦ ମିଶ୍ର, ନନ୍ଦିଘୋଷ ଟିଭିର ସଂପାଦକ ଶିଶିର ଭଟ୍ଟମିଶ୍ର, ବରିଷ୍ଠ ଚିକିତ୍ସକ ମାଧବ ନାୟକ, ଏସୟୁଜେ ରାଜ୍ୟ ସଭାପତି କୈଳାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦଶରଥପୁର ଥାନାର ନୂତନ ଅଧିକାରୀ



**ଦଶରଥପୁର,୧୧।୨(ସମିସ):** ଦଶରଥପୁର ଥାନାରେ ନୂତନ ଥାନାଧିକାରୀ ଭାବେ ହେମଲତା ଦାସ ଯୋଗ ଦେଇଛନ୍ତି। ବାଲେଶ୍ୱର ଜିଲ୍ଲା ଖଇରା ଅଞ୍ଚଳର ହେମଲତା ୨୦୧୯ରେ ଯାଜପୁର ଜିଲ୍ଲାର ବିଭିନ୍ନ ଥାନାରେ ଚାକିରି ଆରମ୍ଭ କରିଥିବା ବେଳେ ବାଲିଚନ୍ଦ୍ରପୁର ଥାନାରେ ଦୀର୍ଘ ଦଶମାସ ଧରି ଥାନାଧିକାରୀ ଭାବେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ। ପ୍ରକାଶ ଥାଉକି ଗତ ୯ ତାରିଖରେ ଦଶରଥପୁର ଥାନାର ଅଧିକାରୀଙ୍କ ଯାଜପୁର ଥାନାକୁ ବଦଳି ହୋଇଥିଲା। ଫଳରେ ତାଙ୍କୁ ଦଶରଥପୁର ଥାନାରେ ଅବସ୍ଥାପିତ କରାଯାଇଛି।

# ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଯାପିତ

ଧର୍ମଶାଳା,୧୧।୨(ସମିସ):




ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧନରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ସ୍ୱାସ୍ଥ୍ୟ ସେବା ଶିବିର ଆଜି ଗଙ୍ଗାଧରପୁର ପଞ୍ଚାୟତରେ ଉଦ୍‌ଯାପିତ ହୋଇଯାଇଛି। ଗଙ୍ଗାଧରପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆୟୋଜିତ ସ୍ୱାସ୍ଥ୍ୟ ସେବା ଶିବିରରେ କୁମାରୀ ଓ ଗଙ୍ଗାଧରପୁର ପଞ୍ଚାୟତର ୭୧୦ ଜଣ ରୋଗୀ ଉପସ୍ଥିତ ହୋଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଧନିର୍ବାଚନ ମଣ୍ଡଳୀର ୫୪ ଗୋଟି ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଗତ ଡିସେମ୍ବର ୫ ତାରିଖରୁ ବିଭିନ୍ନ ପଞ୍ଚାୟତରେ ଏହି ସ୍ୱାସ୍ଥ୍ୟ ସେବା ଶିବିରର ଉଦ୍‌ଘାଟନ କରାଯାଇଥିଲା। ବିଗତ ୨ ମାସ ୧୦ ଦିନ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରର ଆଜି ଉଦ୍‌ଯାପିତ ହୋଇଛି। ଗଙ୍ଗାଧରପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟଅତିଥି ଭାବେ ଯାଜପୁର ସିଡିଏମଓ ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସାମାଜସେବୀ ମିନତୀ ସାହୁ, ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ସମିର ରଞ୍ଜନ ଦାସ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧିର କୁମାର ସାହୁ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଶ୍ମି ରଞ୍ଜନ ପଶାୟତ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଭୁବନେଶ୍ୱର ହାଇଟେକ ମେଡିକାଲର ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ରୋଗୀମାନଙ୍କୁ ଟ୍ରଷ୍ଟ ପକ୍ଷରୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱସ୍ଥ୍ୟ ଶିବିରକୁ ଦେବାରାଜ ମିଶ୍ର, ରାଜେଶ ପାଳ, ଆୟୁସ୍ମାନ ପ୍ରିୟଦର୍ଶନ, ଅଭିଷେକ ରାଉତ, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ରବୀନ୍ଦ୍ର କୁମାର ବରାଳ, ଯୁଗଳ କିଶୋର ଦାସ, ପ୍ରକାଶ ସାମଲ, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ତୀର୍ଥରାଜ ପଣ୍ଡା, ଶ୍ରୀବତ୍ସ ଧିର ସମେତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମସ୍ତ ସଦସ୍ୟ ଓ ହାଇଟେକ୍ ମେଡିକାଲ କର୍ମଚାରୀମାନେ ପରିଚାଳନାରେ ସହାୟତା କରିଥିଲେ।

## ବିଦ୍ୟୁତ ଖୁଣ୍ଟରେ ପିଟିହେଲା ଟ୍ରକ୍; ଡ୍ରାଇଭର ମୃତ



**ଦାନଗଦି,୧୧।୨(ସମିସ):** ଟମକା ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ଟ୍ରକ୍ ୧୧ କେଭି ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଥିବା ବେଳେ ଖୁଣ୍ଟ ଭାଙ୍ଗି ତାର ଟ୍ରକରେ ଲାଗିଯିବା କାରଣରୁ ବିଦ୍ୟୁତ ଆଘାତରେ ଟ୍ରକ୍ ଚାଳକର ମୃତ୍ୟୁ ଘଟିଛି।

ମିଳିଥିବା ଖବର ମୁତାବକ ଓଆର୍-୦୯- ୭୬୧୩ ନମ୍ବର ଏକ ଛଅ ଚକିଆ ଟ୍ରକ୍ ଖଣିଜ ବୋଝେଇ କରିବାକୁ ଯାଉଥିବା ସମୟରେ ସ୍ଥାନୀୟ ଥାନା ରାଇଘାଟି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ଖୁଣ୍ଟ ଭାଙ୍ଗି ୧୧ କେଭି ତାର ଟ୍ରକ୍‌ରେ ଲାଗି ଯାଇଥିଲା। ବିଦ୍ୟୁତ ଆଘାତ ଲାଗିବାରୁ ଗାଡ଼ିର ଚାଳକ ଭୁବନ ବ୍ଲକ ଅନ୍ତର୍ଗତ କହ୍ନେଇପାଳ ଗ୍ରାମର ଅନ୍ତର୍ଯ୍ୟାମୀ ସାହୁଙ୍କ ଘଟଣାସ୍ଥଳରେ ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ଟମକା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ପୁଲିସ ଟ୍ରକ୍ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ରାସ୍ତା

# ନିର୍ମାଣ ନ ସରୁଣୁ ମାଗିଲାଣି ମରାମତି




**ନିର୍ମାଣରେ ପ୍ରତିବନ୍ଧକ କାହା ସ୍ୱାର୍ଥରେ**

ବନ୍ତ/ଆଗରପଡ଼ା,୧୧।୨(ସମିସ): ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନସ୍ଥ ଆଗରପଡ଼ା-ବରପଦା ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତବହୁଳ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଯାନବାହନ ସମେତ ଅନ୍ୟାନ୍ୟ ଗାଡ଼ିମୋଟର ଚଳାଚଳ କରିଥାଏ। ତେଣୁ ଉକ୍ତ ରାସ୍ତାର ଗୁରୁତ୍ୱକୁ ନେଇ ବିଭାଗ ତରଫରୁ ୨୦୧୫ରେ ୧୯ କୋଟି ଟଙ୍କା ମଞ୍ଜୁର ଅର୍ଥରେ ରାସ୍ତା ନିର୍ମିତ ହୋଇଥିଲା। କିନ୍ତୁ ନିର୍ମାଣ ସମୟରେ ଏହାର ସ୍ଥାୟିତ୍ୱ ପ୍ରତି ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଉକ୍ତ ରାସ୍ତା ନିର୍ମାଣ ଏକ ପ୍ରହସନରେ ପରିଣତ ହେବା ସହ ୧୦ ବର୍ଷ ପରେ ବି କେବଳ ମରାମତିରେ ସୀମିତ ରହିଯାଇଥିଲା ଉକ୍ତ ରାସ୍ତା। ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ଖାଲି ପ୍ରତିଶ୍ରୁତି ମିଳୁଥିଲା। ବାରମ୍ବାର ଅଭିଯୋଗ ଓ ଧାରଣା ପରେ ରାସ୍ତାର ଦୁରବସ୍ଥାରେ ସୁଧାର ଆଣିବା ନେଇ ପ୍ରତିଶ୍ରୁତି ପାଳନ ପୂର୍ବକ ବିଭାଗ ପକ୍ଷରୁ ଅଗଷ୍ଟ ମାସରୁ ବରପଦାଠାରୁ ଆଗରପଡ଼ାକୁ ଲମ୍ବିଥିବା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ପାଖାପାଖି ୧୬ କୋଟି ଟଙ୍କା ମଞ୍ଜୁର ଅର୍ଥରେ ଆରମ୍ଭ ହୋଇଥିଲା। ରାସ୍ତା ନିର୍ମାଣ ଆରମ୍ଭରୁ କାର୍ଯ୍ୟ କରୁଥିବା ସଂସ୍ଥାର କାର୍ଯ୍ୟଶୈଳୀକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ବିରୋଧ ସମେତ ବିଭିନ୍ନ ଗଣମାଧ୍ୟମରେ ସମାଲୋଚନା କରାଯିବାରୁ ବିଭାଗୀୟ ଅଧିକାରୀ କାର୍ଯ୍ୟ ନିର୍ମାଣସ୍ଥଳୀକୁ ଆସି ସରକାରଙ୍କ ଧାର୍ଯ୍ୟ ନିୟମାନୁସାରେ କାର୍ଯ୍ୟ କରିବା ପାଇଁ ସଂସ୍ଥାର ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଥିଲା। ବର୍ତ୍ତମାନ ଉକ୍ତ ନିର୍ମାଣ କାର୍ଯ୍ୟ ଜାମବଣି ଛକ ପର୍ଯ୍ୟନ୍ତ ହୋଇଥିବାବେଳେ ଜାମବଣି ଛକଠାରୁ ବଙ୍ଗାଳିସାହି ପର୍ଯ୍ୟନ୍ତ ରାସ୍ତାକୁ ତାଡ଼ି ସମତୁଲ କରି ମେଣ୍ଟାଲ ପକାଇ ଠିକାଦାର ବସିପଡ଼ିଛନ୍ତି। କାମ ବନ୍ଦ ଥିବାରୁ ଧୂଳିଧୂଆଁରେ ଲୋକେ ଗମନାଗମନାରେ ଘୋର୍ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

ସେହିପରି ବଙ୍ଗାଳିସାହିଠାରୁ ରାଇମଣି ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ମଧ୍ୟ ହୋଇପାରି ନାହିଁ। ଆଗରପଡ଼ା ମେଡିକାଲ ଛକଠାରୁ ଜାମବଣି ଛକ ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ବିଭିନ୍ନ ସ୍ଥାନରେ ନିର୍ମାଣକାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ଆଳରେ ରାସ୍ତା ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଉଥିଲା। କେତେବେଳେ ନିମ୍ନମାନର କାମ ହେଉଥିବା ଆଳ ଦେଖାଇ ବିଭାଗୀୟ ଅଧିକାରଙ୍କୁ ଅଭିଯୋଗ କରିବା ପରିବର୍ତ୍ତେ ଠିକା କମ୍ପାନୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରାଯାଉଥିଲା ତ ଆଉ କେତେବେଳେ ନିର୍ମାଣାଧୀନ କାମକୁ ପୂରା ବନ୍ଦ କରାଇ ଦିଆଯାଉଥିଲା। ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ଅଛି। ଏହିପରି ସମସ୍ୟା ଯୋଗୁଁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେବା ସହ ସମୟ ଅବଧିରେ ରାସ୍ତା ନିର୍ମାଣ ଶେଷ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେଣୁ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ କାହା ସ୍ୱାର୍ଥରେ ହେଉଛି ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। କୌଣସି ରାଜନୈତିକ ଦଳର ଇସାରାରେ ନିର୍ମାଣ କାର୍ଯ୍ୟରେ ଏହିପରି ପ୍ରତିବନ୍ଧକ ସୃଷ୍ଟି କରାଯାଉନାହିଁ ତ ବୋଲି ଚର୍ଚ୍ଚା ହେଉଥିବା ଶୁଣିବାକୁ ମଧ୍ୟ ମିଳୁଛି। ଅପରପକ୍ଷରେ ରାସ୍ତା ନିର୍ମାଣରେ ସମସ୍ୟା ଲାଗି ରହିଥିବାବେଳେ ନିର୍ମାଣ ନ ସରୁଣୁ ନିର୍ମାଣ ସରିଥିବା ରାସ୍ତାର ମରାମତି ଆବଶ୍ୟକ ପଡ଼ିଲାଣି। ବିଭିନ୍ନ ସ୍ଥାନରେ ରାସ୍ତାରୁ ପିଚୁ ଉଠି ଗର୍ତ୍ତମାନ ସୃଷ୍ଟି ହେଲାଣି। ତେଣୁ ୧୦ ବର୍ଷର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ନେଇ ସନ୍ଦେହ ସୃଷ୍ଟି ହେଉଥିବାବେଳେ ରାସ୍ତା ନିର୍ମାଣ ସରିବା ବେଳକୁ ରାସ୍ତା ତା'ର ପୂର୍ବ ଅବସ୍ଥାକୁ ଫେରି ଆସିବା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ସୃଷ୍ଟି ହେଲାଣି। ତେଣୁ ବିଭାଗୀୟ ଅଧିକାରୀ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇର୍ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ● କୋଚିଂ ସେଣ୍ଟରର ଦାୟିତ୍ୱହୀନତା ଅଭିଯୋଗ

## ହଷ୍ଟେଲରୁ +୨ ବିଜ୍ଞାନ ଛାତ୍ର ନିଖୋଜ



ଭଦ୍ରକ,୧୧।୨(ସମିସ): ଭଦ୍ରକ ସହରସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରୁ ଜଣେ ୧୮ ବର୍ଷୀୟ +୨ ବିଜ୍ଞାନ ଛାତ୍ର ନିଖୋଜ ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନିଖୋଜ ଛାତ୍ରଙ୍କ ନାମ ତୁଷାର ନାୟକ(୧୮)। ସେ ଭଗବାନ ନାୟକ (୪୫) ଓ ମଞ୍ଜୁଲତା ନାୟକ (୪୦)ଙ୍କ ପୁଅ। ତାଙ୍କ ଘର ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅନ୍ତର୍ଗତ କୋଠାର ଅଞ୍ଚଳରେ।

ପ୍ରାପ୍ତ ସୂଚନା ଅନୁଯାୟୀ, ତୁଷାର ଭଦ୍ରକର ଶ୍ରୀ ଜଗନ୍ନାଥପୁର କଲେଜ ରୋଡ୍‌ସ୍ଥିତ ଚୈତନ୍ୟ କୋଚିଂ ସେଣ୍ଟର ହଷ୍ଟେଲରେ ରହି ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ଗତ ୯ ତାରିଖ ଅପରାହ୍ଣ ପ୍ରାୟ ୫ଟା ସମୟରୁ ସେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଶ୍ରୀଚୈତନ୍ୟ କୋଚିଂ ସେଣ୍ଟର ହଷ୍ଟେଲର ଦାୟିତ୍ୱରେ ଥିବା ରମାକାନ୍ତ ଜେନା ରାତି ପ୍ରାୟ ୧୦ଟା ୪୦ରେ ଛାତ୍ର ନିଖୋଜ ହୋଇଥିବା ସୂଚନା ପରିବାର ଲୋକଙ୍କୁ ଦେଇଥିଲେ। ଏହାକୁ ନେଇ କୋଚିଂ ସେଣ୍ଟର ହଷ୍ଟେଲ ପକ୍ଷରୁ ଅବହେଳା ଓ ଦାୟିତ୍ୱହୀନତା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତୁଷାରଙ୍କ କୌଣସି ଖବର ମିଳିନାହିଁ। ଏନେଇ ପରିବାର ପକ୍ଷରୁ ଭଦ୍ରକ ଟାଉନ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିବା ଜଣାଯାଇଛି। ଉକ୍ତ ଘଟଣାରେ କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସ୍ପଷ୍ଟ ହୋଇଛି।

## ଅଟଳ ବିହାରୀ କଲେଜରେ ରାଜ୍ୟସ୍ତରୀୟ ସେମିନାର




ବାସୁଦେବପୁର,୧୧।୨(ସମିସ): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ବାଣିଜ୍ୟ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଆଲୋଚନାଚକ୍ରରେ କଲେଜର ଅଧ୍ୟକ୍ଷ ଡ. ଚିନ୍ମୟୀ ସେନାପତି ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଜିନେସ ମ୍ୟାନେଜମେଣ୍ଟ ବିଭାଗର ଆସୋସିଏଟ୍ ପ୍ରଫେସର ଆର୍ତ୍ତବନ୍ଧୁ ଜେନା, ମୁଖ୍ୟବକ୍ତା ଭାବେ ଚରମ୍ପା ମହାବିଦ୍ୟାଳୟର ଡ. ପ୍ରବୀର କୁମାର ମହାପାତ୍ର, ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୁରଲୀଧର ବିଶ୍ୱାଳ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଏନ୍‌ଏମ୍‌ଏ ପାଳିଆବିନ୍ଧା କଲେଜର ଅଧ୍ୟାପକ ତପନ ନାୟକ, ସିମୁଳିଆ କଲେଜର ଅଧ୍ୟାପକ ରତିକାନ୍ତ ସାହୁ, ସାରସ୍ୱତ ମହାବିଦ୍ୟାଳୟ ଅନନ୍ତପୁର କଲେଜର ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ, ବାଲିଖଣ୍ଡ କଲେଜର ଅଧ୍ୟାପକ ନିରାକାର ନାୟକ ଯୋଗଦେଇ ଆଲୋଚନାଚକ୍ରରେ ଆଲୋକପାତ କରିଥିଲେ। କଲେଜର ଛାତ୍ରଛାତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ମେଜର ଡ. ପରେଶ ଦାସ ସେମିନାରରେ ସଂଯୋଜନା କରିଥିଲେ। ଅଧ୍ୟାପିକା ମନୀଷା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ଫେଲ୍

## ସରୁନି କାଳିମେଘା ମେଳଣ ତୋରଣ ନିର୍ମାଣ

ଦୋଳସାହି,୧୧।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ବାସୁଦେବପୁର ନିର୍ବାଚନମଣ୍ଡଳୀର ମୁକୁନ୍ଦପୁର ପଞ୍ଚାୟତରେ କାଳିମେଘା ଗାଁରେ ପାଳନ ହେଉଥିବା ଐତିହାସିକ ଦୋଳ ମେଳଣ ପଡ଼ିଆର ଉନ୍ନତିକରଣ ପାଇଁ ପୂର୍ବ ସରକାର ଅମଳରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଯୋଜନାରେ ୧୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ୪ଲକ୍ଷ ଟଙ୍କାର କାର୍ଯ୍ୟ ହୋଇଥିବା ଜଣାପଡ଼ିଥିଲା ବେଳେ ୬ ଲକ୍ଷ ଟଙ୍କା ପଡ଼ିରହିଥିବା ଜଣାଯାଇଛି। ଏହି ତୋରଣ ନିର୍ମାଣ ଲାଗି ଶିଳାନ୍ୟାସ କାର୍ଯ୍ୟକ୍ରମରେ ତତ୍କାଳୀନ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, କାଳିମେଘା ମେଳନ କମିଟି ସଭାପତି ବାଣୀକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ନାୟକଙ୍କ ସମେତ ପ୍ରାକ୍ତନ ସମ୍ପାଦକ କୀର୍ତ୍ତନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅଦ୍ୟାବଧି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଐତିହାସିକ କାଳିମେଘା ମେଳଣ ପଡ଼ିଆର ପ୍ରବେଶପଥର ଅର୍ଦ୍ଧନିର୍ମିତ ତୋରଣ ଏହାର ଶୋଭାକୁ ନଷ୍ଟ କରୁଛି। ତେଣୁ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ପାଣ୍ଠିରୁ ଅର୍ଥ ବରାଦ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହୋଇଛି।

## ସମାଜସେବୀଙ୍କ ସ୍ମୃତି ଚାରଣ ସଭା



ଅସୁରାଳି,୧୧।୨(ସମିସ): ଅଧ୍ୟାପକ ଶ୍ରୀଧର ସାହୁଙ୍କ ମାତୃଦେବୀ କନକ ଲତା ସାହୁଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଭଜନାଞ୍ଜଳି ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କବି ଅମରେନ୍ଦ୍ର ନାୟକ, ବିଷ୍ଣୁ ଚରଣ ମହାନ୍ତି, ଡ. ଗିରିଶ ନାୟକ, ଡ. ବିଦ୍ୟାଧର ରାଉତ, ରବିନ୍ଦ୍ର ବେହୁରିଆ, ସୁବାସ ନାୟକ, ନିର୍ମଳ ସେଠୀ, ଧର୍ମେନ୍ଦ୍ର ଦାଶ, ବ୍ଲକ୍ କଂଗ୍ରେସ ସଭାପତି ରମେଶ ବେହେରା, ନବ ଜୀବନ ଫାଉଣ୍ଡେସନର ରାଜ୍ୟ ମୁଖ୍ୟ ମାନସ ସାହୁ, ରାମଚନ୍ଦ୍ର ମିଶ୍ର, ସତ୍ୟ ସୁନ୍ଦର ପାଢ଼ୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସୁବାସ ମଲ୍ଲିକ, ସାମ୍ବାଦିକ ସନ୍ତୋଷ ଦାଶ, ରତିକାନ୍ତ ନାୟକ, ଦୀପ୍ତି ରଞ୍ଜନ ନାୟକ, ସମିତିସଭ୍ୟା ସନ୍ଧ୍ୟାରାଣୀ ମଲ୍ଲିକ, ବିଜୟ ମିଶ୍ର, ପ୍ରଭାତ ଧଳ, ଦିଲ୍ଲୀପ ମହାନ୍ତି, ନାରାୟଣ ମିଶ୍ର, ରାମ ମିଶ୍ର, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ। କବି ମନୋଜ ପଣ୍ଡାଙ୍କ ସଂଯୋଜନାରେ ମା'ଙ୍କ ଉଦ୍ଦେଶ୍ୟରେ ଗାୟକ ଚିଣ୍ଟୁ ସୋନାଲି, ଦୀପୁ, ଅବିନାଶ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ପୁତ୍ର ଶ୍ରୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ସୁବର୍ଣ୍ଣମୁଖୀଙ୍କ ବାର୍ଷିକ ଉତ୍ସବ

ଦୋବଲ,୧୧।୨(ସମିସ): ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ସୁବର୍ଣ୍ଣମୁଖୀଙ୍କ ତ୍ରୟୋଦଶତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି।



ବୁଧବାରଠାରୁ ଏହି ପୀଠରେ ପୂଜାର୍ଚ୍ଚନା ଆରମ୍ଭ ହୋଇ ଏହା ୪ ଦିନ ଧରି ଚାଲିବ। ବୈତରଣୀ ନଦୀର କ୍ଷେତ୍ରପୁର ଘାଟରୁ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିବା ପରେ ଯଥା ରୀତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ସକାଳେ ଘଟ ସ୍ଥାପନ ପରେ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ମଙ୍ଗଳାର୍ପଣ, ଗୋ-ମାତା ପୂଜା ସହିତ ଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞରେ ରାଜକିଶୋର ବାହୁବଳେନ୍ଦ୍ର ଓ ପତ୍ନୀ ରୁନାମଣି ବାହୁବଳେନ୍ଦ୍ର କର୍ତ୍ତା ଭାବେ ଯୋଗଦେଇଥିବା ବେଳେ ପଣ୍ଡିତ ବାମନ ତ୍ରିପାଠୀ, ପ୍ରଶାନ୍ତ କୁମାର ପଣ୍ଡା, ରବିନାରାୟଣ ଦୀକ୍ଷିତ, ଉଦୟ ନାରାୟଣ ପାଢ଼ୀ, ବୃନ୍ଦାବନ ପଣ୍ଡା, କପିଳ ତ୍ରିପାଠୀ, ସମସ୍ତ ପୂଜାପାଠ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ପୁରୀର ଗବେଷକ ବାବାଜୀ ଅମୃତାନନ୍ଦ ଦାସମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ସୋଧ ଗ୍ରାମର ସମସ୍ତ ଜନସାଧାରଣ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ମାତୃଶକ୍ତି ମହୋତ୍ସବ

ଭଦ୍ରକ,୧୧।୨(ସମିସ): ଏମ୍‌ଟିଏସ୍ ଫାଉଣ୍ଡେସନ ପକ୍ଷରୁ ୧୫ତମ ରାଜ୍ୟସ୍ତରୀୟ ମାତୃଶକ୍ତି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଭଦ୍ରକ ସହିଦ ସ୍ମୃତି ଭବନରେ ୨ ଦିନ ଧରି ପାଳିତ ଏହି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇଥିଲେ। ୨ଦିନ ଧରି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



ଏହି ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରେ ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ଟିଏସ୍ ଫାଉଣ୍ଡେସନ ସମ୍ପାଦିକା ନାରୀନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର ଓ ଫାଉଣ୍ଡେସନ କର୍ମକର୍ତ୍ତାଙ୍କ ଉଦ୍ୟମରେ ବିଗତ ୧୫ ବର୍ଷ ହେବ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବହୁ କାର୍ଯ୍ୟକ୍ରମ ଜାରି ରହିଛି। ପ୍ରଥମ ଦିବସ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ପ୍ରାକ୍ତନ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ପଣ୍ଡିତ ଦୈତାରୀ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଫେଶନ ଶୋ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନରେ ସୁଶ୍ରୀ ସଙ୍ଗୀତା ସାହୁ ମହାନ୍ତି ଓ ଦ୍ୱିତୀୟ ସ୍ଥାନରେ ମିସ୍ ପୁନମ୍ ପ୍ରିୟଦର୍ଶନୀ ଦାସ ବିଜୟୀ ହୋଇ ପୁରସ୍କାର ଓ ପ୍ରମାଣପତ୍ର ପାଇଥିଲେ।

## ତିହିଡ଼ି ମହୋତ୍ସବର ତୃତୀୟ ସନ୍ଧ୍ୟା



**ଦର୍ଶକଙ୍କ ମନମୋହିଲା ଶାଶ୍ୱତ ଯୋଶୀଙ୍କ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ**

ତିହିଡ଼ି,୧୧।୨(ସମିସ): ତିହିଡ଼ି ମାଟିର ଗୌରବମୟ ଇତିହାସ ଓ ସମୃଦ୍ଧ ସଂସ୍କୃତିର ବାର୍ତ୍ତା ନେଇ ଗଢ଼ି ଉଠିଥିବା 'ତିହିଡ଼ି ମହୋତ୍ସବ'ର ତୃତୀୟ ସନ୍ଧ୍ୟା ବେଶ୍ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ତିହିଡ଼ି ମାଟିର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ମଞ୍ଚରେ ଆୟୋଜିତ ଏହି ସାଂସ୍କୃତିକ ମହାକୁମ୍ଭକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ଆଡିସ୍‌ନାଲ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ ଅତିଥି ଭାବେ ଯୋଗଦେଇଥିଲେ। ତିହିଡ଼ି ମାଟିର ବିଶେଷତ୍ୱ ସମ୍ପର୍କରେ ମତ ରଖି ଅତିଥିମାନେ କହିଥିଲେ ଯେ "ଏହି ମାଟିର ସନ୍ତାନମାନେ ନିଜ ପ୍ରତିଭା ବଳରେ ସମଗ୍ର ଓଡ଼ିଶାକୁ ଆଲୋକିତ କରିଛନ୍ତି। ଏହି ଅବସରରେ ଐତିହାସିକ ଶ୍ୟାମା କ୍ଲବ୍‌ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାର ପ୍ରତିଷ୍ଠାର ମୁଖ୍ୟ କର୍ଣ୍ଣଧାର ବୃନ୍ଦାବନ ଜେନା, ହେମନ୍ତ ମହାପାତ୍ର ଏବଂ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ କୃପାସିନ୍ଧୁ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଏବଂ ଦେବଦାସୀର ସମସ୍ତ ବିଜେତାଙ୍କ ନୃତ୍ୟ କଳା ପ୍ରଦର୍ଶନ। ସେମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ମୟୂରଭଞ୍ଜର କଳାକାରମାନଙ୍କ ଦ୍ୱାରା ଛଉ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଏଥିସହ ଡ. ଅମୂଲ୍ୟ ସେନାପତି ଏବଂ ଯଯାତିକେଶରୀ ଦାସଙ୍କ ସଞ୍ଚାଳନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍‌ର ପିଲାମାନେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଉପସଭାପତି ଡ. ଲକ୍ଷ୍ମୀଧର ତ୍ରିପାଠୀ ସଞ୍ଚାଳନ କରିଥିବାବେଳେ ସମ୍ପାଦକ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

ମହୋତ୍ସବକୁ ସଫଳ କରିବାରେ ଧୀରେନ୍ଦ୍ର ସାହୁ, ଗିରିଜା ରମଣ ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ସଚିକାନ୍ତ ନାୟକ, ପ୍ରିୟବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ପ୍ରତାପ ଜେନା, ବସନ୍ତ ମହାପାତ୍ର, ନୀଳମଣି ସାବତ, ମୃତ୍ୟୁଞ୍ଜୟ ଦାସ, ସଞ୍ଜୟ ଦାସ, ଶୁଭମ୍ ସାର୍ଥକ ଜେନା, ମିଡିଆ ସଂଯୋଜକ ନିରଞ୍ଜନ ବାରିକ, କୈଳାସ ବେହେରା, ବିସ୍ମୟ ବିହାରୀ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ତଥା ସମସ୍ତ ତିହିଡ଼ି ବ୍ଲକ୍‌ର ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ଅସୁରାଳି,୧୧।୨(ସମିସ): ଧାମନଗର ବ୍ଲକ୍ କଲ୍ୟାଣୀ ପଞ୍ଚାୟତ କଲ୍ୟାଣୀଠାରେ କଲ୍ୟାଣୀ ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ସୂତାରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପରେ ବେଦପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପିତାମ୍ବର ବାରିକ। ଅନ୍ୟମାନଙ୍କ ମଧ୍ୟରେ ରାଜନେତା ନରେନ୍ଦ୍ର ମଲିକ, ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିଧିରାମ ଦତ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଦତ୍ତ, ଗୌରାଙ୍ଗ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଆର୍ତ୍ତବନ୍ଧୁ ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଅନନ୍ତ ଦଳେଇ, ସୁଶୀଲ କୁମାର, ରବିନ୍ଦ୍ର ଦଳେଇ, ବାବୁଲି ଜେନା ପ୍ରମୁଖ। ନାରାୟଣ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓସ୍ୱାସ୍ କାର୍ଯ୍ୟକାରିତା ସମ୍ପର୍କିତ ସମୀକ୍ଷା ବୈଠକ



ଭଦ୍ରକ,୧୧।୨(ସମିସ): ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ୍ (ଓଡ଼ିଶା କାର୍ଯ୍ୟପ୍ରବାହ ସ୍ୱୟଂକ୍ରିୟକରଣ ବ୍ୟବସ୍ଥା), କାର୍ଯ୍ୟକାରିତା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଓସ୍ୱାନ୍ ଭିସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସତ୍ୟରଞ୍ଜନ ସାହୁ, ଡୋମେନ ଉପଦେଷ୍ଟା, ଓସ୍ୱାସ୍ ପିଏମ୍‌ୟୁ, ଓକାକ୍ ଓ ଟିମ୍ ଓସ୍ୱାସ୍ ପିଏମ୍‌ୟୁ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବ୍ଲକ୍‌ସ୍ତର ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟାଳୟରେ ଓସ୍ୱାସ୍ କାର୍ଯ୍ୟକାରିତାର ସମୀକ୍ଷା ସମ୍ପର୍କିତ ପିପିଟି ଉପସ୍ଥାପନ କରାଯାଇଥିଲା। ଓସ୍ୱାସ୍ କାର୍ଯ୍ୟକାରିତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜ୍ୟରେ ୪ର୍ଥ ସ୍ଥାନ ଅଧିକାର କରିଥିବାବେଳେ, ଭଦ୍ରକ ଜିଲ୍ଲା ଅଷ୍ଟମ ସ୍ଥାନରେ ରହିଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଜିଲ୍ଲା ଓସ୍ୱାନ୍ ଭିସିରେ ଏବଂ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ବ୍ଲକ୍ ଓସ୍ୱାନ୍ ଭିସିରେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଆସନ୍ତା ୧୫ ଦିନ ମଧ୍ୟରେ ଓସ୍ୱାସ୍‌ରେ ନିଜ ନିଜ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ତିହିଡ଼ି ପଞ୍ଚାୟତ ସମିତି ବୈଠକ

# ମେଗା ପାନୀୟ ଜଳ ପ୍ରକଳ୍ପକୁ ନେଇ ଉଦ୍‌ବେଗ




ତିହିଡ଼ି,୧୧।୨(ସମିସ): ତିହିଡ଼ି ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଥିବାବେଳେ ମେଗା ପାନୀୟ ଜଳ ପ୍ରକଳ୍ପକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ଉପାଧ୍ୟକ୍ଷା ଶୁଭଦ୍ରା ଶତପଥୀ, ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ ପ୍ରମୁଖ ମଞ୍ଚାସୀନ ହୋଇଥିବାବେଳେ ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ୯୫ ପ୍ରତିଶତ ବିଲ୍ ହୋଇଯାଇଥିବାବେଳେ ମେଗା ପାନୀୟ ଜଳ ପ୍ରକଳ୍ପ ବହୁ ସ୍ଥାନରେ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିଛି ବୋଲି ସାଂସଦଙ୍କ ପ୍ରତିନିଧି ଅଭିଯୋଗ କରିବା ସହ ସମ୍ପୃକ୍ତ କମ୍ପାନୀର ଅଧିକାରୀଙ୍କୁ ବିଡିଓ ଡାକି ଏ ନେଇ ଆଲୋଚନା କରିବାକୁ ତାଙ୍କ ପ୍ରସ୍ତାବ ଗୃହୀତ ହୋଇଥିଲା। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁ ବିଶେଷଜ୍ଞ ଭଦ୍ରକ ଡେପୁଟେସନରେ ଯାଇଛନ୍ତି ଓ ତାଙ୍କୁ ସପ୍ତାହରେ ୩ ଦିନ ତିହିଡ଼ିରେ ଡ୍ୟୁଟି କରିବାକୁ ପଦକ୍ଷେପ ନିଆଯାଉ ବୋଲି ଦାବି ହୋଇଥିଲା। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ମାପଚୁପ ଚାଲିଛି ଓ ପୁରୁଣା ଗୃହର ମରାମତି ପାଇଁ ପଦକ୍ଷେପ ନିଆଯିବାକୁ ଆଲୋଚନା ହୋଇଥିଲା। ତିହିଡ଼ି ବ୍ଲକ୍‌ରେ ଲକ୍ଷପତି ଦିଦି କେତେଜଣ ସେ ନେଇ ବିଭାଗୀୟ ଅଧିକାରିଣୀ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। କେତେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କେତେ ଟଙ୍କା ଋଣ ପ୍ରଦାନ କରାଯାଇଛି ସେ ନେଇ ମଧ୍ୟ କୌଣସି ସୂଚନା ମିଳିପାରି ନ ଥିଲା। ଏ ସମ୍ପର୍କରେ ଆସନ୍ତା ବୈଠକରେ ସଠିକ୍ ତଥ୍ୟ ଉପସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଥିଲା। ତିହିଡ଼ି ବ୍ଲକ୍‌ରେ ପ୍ରାଥମିକ ଶିକ୍ଷା ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ୮୨ ଜଣ ନୂତନ ଶିକ୍ଷକ ନିଯୁକ୍ତି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୩୦ ଜଣ ଶିକ୍ଷକ କାର୍ଯ୍ୟରେ ଯୋଗଦେଇଛନ୍ତି ଓ ଅବଶିଷ୍ଟ ୫୨ ଶିକ୍ଷକ ଅନ୍ୟ ଚାକିରିରେ ଯୋଗଦେଇଥିବା ନେଇ ସୂଚନା ଦିଆଯାଇଥିଲା।

### ଧାନ କିଣାରେ ଅବ୍ୟବସ୍ଥା

# ମଣ୍ଡିରେ ପଡ଼ିଛି ଶହଶହ ବସ୍ତା ଧାନ



ଅସୁରାଳି, ୧୧।୨ (ସମିସ): ଧାମନଗର ଅନ୍ତର୍ଗତ ବରଗଡ଼ା ସେବା ସମବାୟ ସମିତିରେ ଧାନ କିଣାରେ ଗୁରୁତର ଅସୁବିଧା ସୃଷ୍ଟି ହୋଇଛି। ମଣ୍ଡିରେ ଚାଷୀଙ୍କ ଶହଶହ ବସ୍ତା ଧାନ ପଡ଼ି ରହିଛି। କିନ୍ତୁ ଉଠାଇବାରେ ବିଳମ୍ବ ହେଉଛି। ଫଳରେ ଚାଷୀମାନେ ଦିନରାତି ଏହାକୁ ଜଗି ରହିଛନ୍ତି। ଟୋକନ୍ ଦିଆଯାଇଥିଲେ ମଧ୍ୟ ଧାନ ଉଠୁ ନ ଥିବାରୁ ବସ୍ତା ବସ୍ତା ଧାନ ଗଦା ହୋଇ ରହିଛି।

ଚାଷୀଙ୍କ ଅଭିଯୋଗ ଅନୁସାରେ, ମିଲରମାନେ ମନଇଚ୍ଛା ଧାନର କଟ୍‌ନୀଛଟ୍‌ନୀ କରୁଛନ୍ତି। ଅନ୍ୟପକ୍ଷରେ ଗୋଦାମର ଅଭାବ, ଧାନ ରଖିବାକୁ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ ମିଲରମାନେ ଧାନ ଉଠାଇବାକୁ ନାରାଜ। ଚାଷୀମାନଙ୍କ କହିବା ଅନୁସାରେ, ଧାନ ବୁଣିବାରୁ ଆରମ୍ଭ କରି ମଣ୍ଡିରେ ଦେବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପରେ ଅସୁବିଧା। ଧାମନଗରରେ ୧୨ ସେବା ସମବାୟ ସମିତି, ୨ ସ୍ୱୟଂ ସହାୟକ ଗୋଷ୍ଠୀ କିଣୁଛନ୍ତି ଧାନ। ଟୋକନ୍ ମିଳିବାରୁ ଚାଷୀ ସମ୍ପୃକ୍ତ ମଣ୍ଡିରେ ଧାନ ନେଇ ଗଦା କରିଛନ୍ତି। କିନ୍ତୁ ମିଲରମାନେ ଧାନ ଉଠାଇବାରେ ନାଁ ଧରୁନାହାନ୍ତି। ପର୍ଯ୍ୟାପ୍ତ ପରିମାଣରେ ଧାନ ଟାର୍ଗେଟ ଆସିଥିଲେ ମଧ୍ୟ ମଣ୍ଡିରେ ପଡ଼ି ରହୁଛି ଧାନ। କେବଳ ସେଠାରେ ନୁହଁ ଧୂଷୁରୀ, ଚୂଡ଼ାକୁଟି, ବରଗଡ଼ା, କାଟସାହିରେ କଟ୍‌ନୀଛଟ୍‌ନୀକୁ ନେଇ ରଜରାସ୍ତାକୁ ଓହ୍ଲାଇବେ ଚାଷୀ। ସାରା ରାଜ୍ୟରେ ଏଭଳି ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ପୂର୍ବରୁ ଗଚ୍ଛିତ ଚାଉଳ ଉଠାଇବାରେ ବିଳମ୍ବ ହେବାରୁ ନୂଆ ଧାନ କିଣାରେ ଅସୁବିଧା ବଢ଼ିଛି ବୋଲି ମିଲର କହୁଛନ୍ତି। ଏହି ପରିପ୍ରେକ୍ଷୀରେ ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବରିଷ୍ଠ ସିପିଏମ୍ ନେତା ଚନ୍ଦ୍ରଶେଖର ନାୟକ, ଉମେଶ ତ୍ରିପାଠୀ, ଜଗନ୍ନାଥ ମଲ୍ଲିକ, ଅକ୍ଷୟ ନାୟକ, ଉମେଶ ମହାନ୍ତି, ଅଜୟ ମଲ୍ଲିକ, ଗଗନ ଜେନା ପ୍ରମୁଖ ଉକ୍ତ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି। ନଚେତ୍ ଆଗାମୀ ଦିନରେ ଗଣଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

'ସକାଳ' ପ୍ରଭାବ

## ମଞ୍ଜୁଲତା ଓ ଯମୁନାଙ୍କୁ ମିଳିଲା ଦରମା

ଦୋଳସାହି,୧୧।୨(ସମିସ): ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଏକ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକାଙ୍କୁ ୧୫ ମାସ ଧରି ଦରମା ମିଳୁ ନ ଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ପ୍ରଶାସନ ପକ୍ଷରୁ ସେମାନଙ୍କ ଦରମା ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ତିହିଡ଼ି ବ୍ଲକ୍ ଅଧୀନ ତାଳପଦା ପଞ୍ଚାୟତର ହରିଜନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଯମୁନା ଜେନା ଓ ମଞ୍ଜୁଲତା ଜେନାଙ୍କୁ ୧୫ ମାସ ଧରି ଦରମା ମିଳୁ ନ ଥିଲା। ଏହି ଦରମା ମିଳିବା ପରେ ଏହି ୨ ପାଚିକା 'ସକାଳ'କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



### ● କାହା ସ୍ୱାର୍ଥରେ ଧାମନଗର ପଞ୍ଚାୟତ ସମିତି ପ୍ରତିନିଧିଙ୍କ ବିଶ୍ରାମ ଗୃହ

## ଦୀର୍ଘ ବର୍ଷ ହେଲା ଝୁଲୁଛି ତାଲା

ଧାମନଗର,୧୧।୨(ସମିସ): ୨୦୧୬ ଡିସେମ୍ବର ୨୬ ତାରିଖରେ ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ କରକମଳରେ ଧାମନଗର ବ୍ଲକ୍ ପରିସରରେ ନିଜ ପଞ୍ଚାୟତର ଲୋକମାନଙ୍କ ବିଭିନ୍ନ ସମସ୍ୟା ଓ ଆଞ୍ଚଳିକ ଉନ୍ନୟନ ନେଇ ବ୍ଲକ୍‌କୁ ଆସୁଥିବା ପଞ୍ଚାୟତ ସମିତି ପ୍ରତିନିଧିଙ୍କ ନିମନ୍ତେ ବିଶ୍ରାମ ଗୃହ ଉଦ୍‌ଘାଟନ ହୋଇଥିଲା। ତତ୍କାଳୀନ ଭଦ୍ରକ ଜିଲ୍ଲାପାଳ ଲକ୍ଷ୍ମୀନାରାୟଣ ମିଶ୍ର, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଉପାଧ୍ୟକ୍ଷା ଊର୍ମିଳା ବିଶ୍ୱାଳ ଓ ବିଡିଓ ଡ. ନରହରି ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାତ୍ର ପଞ୍ଚାୟତ ସମିତି ପ୍ରତିନିଧିଙ୍କ ବିଶ୍ରାମ ପାଇଁ ଉଦ୍ଦିଷ୍ଟ ଏହି ଗୃହରେ ଦୀର୍ଘ ବର୍ଷ ହେବ ତାଲା ଝୁଲୁଛି। ଏ ସମ୍ପର୍କରେ ବିଗତ ବର୍ଷରେ ବିଡିଓଙ୍କୁ ପଚାରିବାରେ ସେଥିରେ ନିର୍ବାଚନ ସମ୍ବନ୍ଧୀୟ କାଗଜପତ୍ର ଥିବା କହି କଥାକୁ ଏଡ଼ାଇ ଯାଇଥିଲେ। ଆଉ କେଇ ମାସ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ।

ମାତ୍ର ଏଯାଏଁ ଏହି ଘରେ ତାଲା ଝୁଲୁଥିବା ଦେଖାଯାଇଛି। ଏ ସମ୍ପର୍କରେ ଆମ ପ୍ରତିନିଧି ସୁଧାକର ଦାଶ ବ୍ଲକ୍ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ପଚାରିବାରେ କହିଥିଲେ ଯେ, ଗତ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧୀୟ କାଗଜପତ୍ର ନଷ୍ଟ ହୋଇଥିଲେ ମଧ୍ୟ ଯେଉଁ ପଞ୍ଚାୟତ ପ୍ରତିନିଧିଙ୍କ ଉପରେ ନିର୍ବାଚନ ସମ୍ବନ୍ଧୀୟ ମାମଲା କୋର୍ଟରେ ବିଚାରାଧୀନ ଥିଲା। ସେହି ପଞ୍ଚାୟତର କାଗଜପତ୍ର ଏହି ଘରେ ମହଜୁଦ ଅଛି। ତାକୁ ମଧ୍ୟ ନଷ୍ଟ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ଗତ ୨ ତାରିଖ ପତ୍ର ସଂଖ୍ୟା ୨୩୯ ଆଧାରରେ ଭଦ୍ରକ ଜିଲ୍ଲାପାଳ ଗତ ୪ ତାରିଖ ତାଙ୍କ ପତ୍ର ସଂଖ୍ୟା ୮୭ରେ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ବିଡିଓ ଏବଂ ତହସିଲ୍‌ଦାରଙ୍କ ଉପସ୍ଥିତିରେ ଆସନ୍ତା ୧୩ ତାରିଖରେ ବ୍ଲକ୍ ତରଫରୁ ସେହି ଘର ଖୋଲାଯାଇ ଅଦାଲତ ପାଇଁ ମହଜୁଦ ଥିବା ଅବଶିଷ୍ଟ କାଗଜପତ୍ର ନଷ୍ଟ କରାଯିବ ବୋଲି ସୂଚନା ଦେଇଥିଲେ।

## ଆଦାନୀ ଡିଏଭି ସ୍କୁଲରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




ଭଦ୍ରକ, ୧୧।୨ (ସମିସ): ଧାମରା କୁଆଁମରାସ୍ଥିତ ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲରେ 'ଶ୍ରେଣୀଗୃହରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର' ଉପରେ ଏକ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦାନୀ ଡିଏଭି ପବ୍ଲିକ୍ ସ୍କୁଲର ଅଧକ୍ଷା କୃଷ୍ଣପ୍ରିୟା ଷଡ଼ଙ୍ଗୀ, ଭୁବନେଶ୍ୱର ପୋଖରୀପୁଟ ଆଦାନୀ ଡିଏଭି ସ୍କୁଲର ପିଜିଟି-କମ୍ପ୍ୟୁଟର ସାଇନ୍ସର ଗୀତାଞ୍ଜଳି ହୋତା ଏବଂ ଭୁବନେଶ୍ୱର ବିଜେଇଏମ୍ ସ୍କୁଲ ଟିଜିଟି-କମ୍ପ୍ୟୁଟର ସାଇନ୍ସ ଶୁଭଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେବା ସହ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ କୃତ୍ରିମ ବୁଦ୍ଧିମତାର ବିଭିନ୍ନ ଦିଗ, ଅବଧାରଣା, ଆବଶ୍ୟକତା, ପରିସର, ଗୁରୁତ୍ୱ, ଉପକରଣ ଏବଂ ବ୍ୟାବହାରିକ ଶ୍ରେଣୀଗୃହ ପ୍ରୟୋଗ ସମେତ ଅନ୍ତର୍ନିହିତ ତତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ପାରସ୍ପରିକ କ୍ରୀୟାତ୍ମକ ଏବଂ ବାସ୍ତବ ଜୀବନର ଉଦାହରଣ ଆଦି ସାମିଲ୍ ଥିଲା। ଭଦ୍ରକ ଓ ଅନ୍ୟାନ୍ୟ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ୍ ୪୦ ଜଣ ଶିକ୍ଷକ ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅତିଥି ତଥା ଅଂଶଗ୍ରହଣକାରୀ ଉଭୟ ସକ୍ରିୟ ଭାବରେ ସେମାନଙ୍କର ମୂଲ୍ୟବାନ ମତାମତ ଏବଂ ଅଭିଜ୍ଞତା ବାଣ୍ଟି କାର୍ଯ୍ୟକ୍ରମରେ ସୂଚନା ପ୍ରଦାନ କରିଥିଲେ। ଅଧକ୍ଷା ସମସ୍ତ ଅତିଥିଙ୍କୁ ଉପହାର ଦେଇ ସମ୍ମାନିତ କରିଥିଲାବେଳେ ଆକାଶଦୀପ ବାନାର୍ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମହୁ ଚାଷ ସମ୍ପର୍କିତ କର୍ମଶାଳା



ବାରିକପୁର,୧୧।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଫତେପୁରଠାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମହୁ ଚାଷ ସମ୍ପର୍କରେ ଏକଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ଅଧିକାରିଣୀ ଶୁଭଦର୍ଶୀ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନେକ ଚାଷୀ ଯୋଗଦେଇଥିଲେ। ଏଥିରେ ଚାନ୍ଦବାଲି ଉଦ୍ୟାନ କୃଷି ଅଧିକାରିଣୀ ସାଧନା ପଣ୍ଡା, ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ଦାସ, କୃଷି ଅଧିଦର୍ଶକ କଲ୍ୟାଣ ପାଣିଗ୍ରାହୀ, ଅବିନାଶ ଦାସ, ଅବକାଶ ନାୟକ, ଚିତ୍ତରଞ୍ଜନ କର ପ୍ରମୁଖ ଯୋଗଦେଇ ଫଳ ଓ ପନିପରିବା ଚାଷ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ କରି ମହୁ ଚାଷ ସମ୍ପର୍କରେ ଅଧିକାରୀମାନେ ମତ ଉପସ୍ଥାପନ କରିଥିଲେ। ସଫଳ ମହୁ ଚାଷୀ ଚକ୍ରଧର ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ପାଟୁଳି, ନେରଡା, ତେସିଙ୍ଗା, ରାଜେନ୍ଦ୍ରପୁର, ନାଆମୀ, ବନ୍ଧାଳ ମଢ଼ିଆଳୀ, ଦକ୍ଷିଣବାଡ଼ ପ୍ରମୁଖ ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଯୋଗଦେଇଥିଲେ।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି

ଧର୍ମଶାଳା,୧୧।୨(ସମିସ): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତସ୍ଥିତ ବିଜେପି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ପାଳନ କରାଯାଇଛି। ଏହି ଉପଲକ୍ଷେ ବିଜେପି ନେତା କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ ମୁଖ୍ୟ ଅତିଥି, ଯାଜପୁରର ପୂର୍ବତନ ସାଂସଦ ରୀତା ତରେଇ ଓ ସମାଜସେବୀ ମିନତୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ହିମାଂଶୁ ଶେଖହର ସାହୁଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବିଜେପି ପକ୍ଷରୁ ଏକ ହଜାରରୁ ଊର୍ଦ୍ଧ୍ୱ ଗରିବ ମହିଳାମାନଙ୍କୁ ନୂତନ ଶାଢ଼ି ପ୍ରଦାନ କରାଯିବା ସହ ଅନେକଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ

ଯାଜପୁର,୧୧।୨(ସମିସ): ଯାଜପୁର ସଦର ବ୍ଲକ ଚଇନପୁର ପଞ୍ଚାୟତ ସ୍ଥିତ ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ୍ସ କ୍ୟାମ୍ପୋରୀ ୨୦୨୬ର ଉଦ୍‌ଯାପିତ ହୋଇଯାଇଛି। ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ଭାରତ ସ୍କାଉଟ ଓ ଗାଇଡ୍ସର ଜାତୀୟ ଉପସଭାପତି ତଥା ମୁଖ୍ୟ ରାଜ୍ୟ କମିଶନର ଓଡ଼ିଶା ମୁଖ୍ୟ ଅତିଥି ଭାବେ ଡ. କାଳୀ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତିପ୍ରସାଦ ପରିଡ଼ା, ସହକାରୀ ଜିଲ୍ଲାପାଳ କୁଳମଣି ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା କ୍ୟାମ୍ପୋରୀ ସଂଗଠନର ସମ୍ପାଦକ ଆଲୋକ କୁମାର ବନ୍ଧ, ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ତଥା ଜିଲ୍ଲା କମିଶନର ଦେବୀଲାଲ୍ ମଲ୍ଲିକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଜିଲ୍ଲା ଗାଇଡ୍ କମିସନର ସୁପ୍ରଭା ପରିଡ଼ା, ଜିଲ୍ଲା କ୍ରୀଡା ଅଧିକାରୀ ଫକିର ମୋହନ ଟୁଡୁ ଜିଲ୍ଲା କମିସନର ସ୍କାଉଟ ରବି ପ୍ରସାଦ ସାମଲ, ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ସୁଦର୍ଶନ ପାଢୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ସବିତା ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନିରଞ୍ଜନ ସାମଲ ସଭା ପରିଚାଳନା କରିଥିଲେ। ଏହି ତିନି ଦିନିଆ କାର୍ଯ୍ୟ କ୍ରମରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନ ପାତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜାହିରୁଦ୍ଦିନ ଖାନ୍, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ଥିଲେ।




## ଘରେ ପଶି କଳାକନା ବୁଲାଇଲେ ଚୋର

ଭଦ୍ରକ,୧୧।୨(ସମିସ): ଗାଁରେ ଯାତ୍ରା ଦେଖୁଥିଲେ ପରିବାର ଲୋକେ। ଘରେ ପଶି କଳାକନା ବୁଲାଇଲେ ଚୋର। ଚୋରି ସାରି ଘରୁ ବାହାରୁଥିବା ବେଳେ ଜଣକୁ କାବୁ କଲେ ଗ୍ରାମବାସୀ। ସୁନା ଗହଣା, ଟଙ୍କା ଧରି ଅନ୍ୟ ୩ ଚୋର ଛୁ ମାରିଛନ୍ତି। ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଅଗରପଡ଼ା ଥାନାରେ ଆଡ଼ିଆ ଗାଁରେ। ମଙ୍ଗଳବାର ରାତିରେ ଗାଁର ନିରଞ୍ଜନ ମଲ୍ଲିକଙ୍କ ପରିବାର ଲୋକେ ଘର ତାଲା ପକାଇ ଯାତ୍ରା ଦେଖିବାକୁ ଯାଇଥିଲେ। ନିରଞ୍ଜନଙ୍କ ପୁଅ ଆଶୁତୋଷ ଯାତ୍ରା ମଝିରେ ଘରଆଡ଼େ ବୁଲି ଯାଇଥିଲାବେଳେ ତାଙ୍କ ଘର ଭିତରୁ ୨ ଜଣ ଲୁଟେରା ବାହାରି ଦୌଡ଼ି ପଳାଇଥିଲେ। ଖସି ଯାଉଥିବାବେଳେ ଜଣକୁ କାବୁ କରିନେଇଥିଲେ ଆଶୁତୋଷ। ଲୁଟେରା ଜଣକ ଏକ ସ୍କ୍ରୁ ଡାଇଭରରେ ଆଶୁତୋଷଙ୍କ ବେକକୁ ଆକ୍ରମଣ କରିଥିଲା। ଗୁରୁତର ଆହତ ହୋଇଥିଲେ ମଧ୍ୟ ଲୁଟେରାକୁ ଛାଡ଼ି ନ ଥିଲେ। ପରେ ଗ୍ରାମବାସୀ ପହଞ୍ଚି ଉକ୍ତ ଲୁଟେରାକୁ ମାଡ଼ମାରି ଘର ଭିତରେ ଅଟକ ରଖିଥିଲେ। ଲୁଟେରା ଯୁବକଙ୍କ ଘର ଧାମନଗର ଥାନା ଅଧୀନରେ ବୋଲି ପୁଲିସ ଆଗରେ କହିଥିବା ସୂଚନା ମିଳିଛି। ଚୋରର ମୋବାଇଲ୍ କଲ୍ ଲିଷ୍ଟରୁ ଚୋରିରେ ସମ୍ପୃକ୍ତ ଥିବା ସନ୍ଦେହରେ ଅନ୍ୟ ଆଗରପଡ଼ା ପୁଲିସ ଅନ୍ୟ ୩ ଯୁବକଙ୍କୁ ମଧ୍ୟ ଅଟକ ରଖିଛି। ନିରଞ୍ଜନଙ୍କ ଘର ଆଲମିରା ଲକର ଭାଙ୍ଗି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ସୁନା ରୁପା ଅଳଙ୍କାର ସହ ନଗଦ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଚାଷୀଙ୍କୁ ମୁଗ, ବିରି ବିହନ ବଣ୍ଟନ

ଦୋଳସାହି,୧୧।୨(ସମିସ): ତିହିଡ଼ି ବ୍ଲକ୍ କୃଷି ବିଭାଗ ପକ୍ଷରୁ ବାରୋ ଗୁଆମାଳ ଓ ତଳଗୋପବିନ୍ଧା ପଞ୍ଚାୟତରେ ଚାଷୀଙ୍କୁ ମୁଗ, ବିରି, ଧଣିଚା ଚାଷୀଙ୍କୁ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ, ବାରୋ ପଞ୍ଚାୟତରେ ୨୫୦ ହେକ୍ଟର ଛୋଟ ବଡ଼ ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ମୁଗ ବିହନ ପ୍ରଦାନ କରାଯାଇଥିଲା ବେଳେ ୫୦ ହେକ୍ଟର ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ବିରି ବିହନ ପ୍ରଦାନ କରାଯାଇଛି। ତଳଗୋପବିନ୍ଧା ପଞ୍ଚାୟତରେ ୧୦୦ ହେକ୍ଟର ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ମୁଗ ବିହନ ପ୍ରଦାନ କରାଯାଇଥିଲା ବେଳେ ୫୦ ହେକ୍ଟର ଛୋଟ ବଡ଼ ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ବିରି ବିହନ ପ୍ରଦାନ କରାଯାଇଛି। ଗୁଆମାଳ ପଞ୍ଚାୟତରେ ୧୫୦ ହେକ୍ଟର ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ମୁଗ ବିହନ ଓ ୨୫ ହେକ୍ଟର ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ବିରି ବିହନ ମାଗଣାରେ ପ୍ରଦାନ କରାଯାଇଛି। ଏହି ଛୋଟ ବଡ଼ ଚାଷୀଙ୍କୁ ସରକାରଙ୍କ ସହ ବାହାର ସ୍ୱୀକୃତିପ୍ରାପ୍ତ ଡିଲରଙ୍କଠାରୁ ଏହି ଚାଷ ନିମନ୍ତେ ପ୍ରୟୋଜନ ବିଷ, ଅଣୁସାର ଅନ୍ୟାନ୍ୟ ସାମଗ୍ରୀ ଯେତିକି ଟଙ୍କାରେ କିଣିବେ ସେତିକି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ସରକାର ଫେରସ୍ତ କରିବେ ବୋଲି ଜଣାଯାଇଛି।

## ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର

ଦୋଳସାହି,୧୧।୨(ସମିସ): ତିହିଡ଼ି ପୁରୁଣା ହାଟଠାରୁ କଲେଜ ଛକ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସହ ଅଙ୍କାବଙ୍କା ନିର୍ମାଣ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଭଦ୍ରକ-ଚାନ୍ଦବାଲି ରାଜପଥ ରାସ୍ତାର ତିହିଡ଼ି ପୁରୁଣା ହାଟଠାରୁ କଲେଜ ଛକ ପର୍ଯ୍ୟନ୍ତ ୬କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ଜଣାଯାଇଥିଲା ବେଳେ ଏହି ନିର୍ମାଣ କାର୍ଯ୍ୟ ନିମ୍ନମାନର ସହ ଅଙ୍କାବଙ୍କା ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି। ଏହି ଡ୍ରେନେଜ୍ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଗତ କିଛିଦିନ ତଳେ ତିହିଡ଼ି ବ୍ଲକ୍ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। କାର୍ଯ୍ୟ ନିମ୍ନମାନର ନେଇ ସମସ୍ତ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲାବେଳେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



## ଅଙ୍ଗନବାଡ଼ି କର୍ମୀ ଶୁଭଲକ୍ଷ୍ମୀ ସମ୍ମାନିତ

ସୁକିନ୍ଦା,୧୧।୨(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ବର୍ତ୍ତଣ୍ଡା ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଶୁଭଲକ୍ଷ୍ମୀ ମହାନ୍ତିଙ୍କୁ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯାଇଛି। ସୁକିନ୍ଦା ବ୍ଲକ ଅଧୀନ ୨୮୫ଟି ଅଙ୍ଗନବରଡି କେନ୍ଦ୍ର ମଧ୍ୟରୁ ବର୍ତ୍ତଣ୍ଡା-୧ ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ଶୁଭଲକ୍ଷ୍ମୀ ମହାନ୍ତି ନିଜର ଉତ୍ତମ କାର୍ଯ୍ୟଶୈଳୀ, ଦାୟିତ୍ୱବୋଧ ଓ ସମର୍ପଣ ଭାବନା ପାଇଁ ଏହି ସମ୍ମାନରେ ସମ୍ମାନିତ ହୋଇଥିବା ଜଣାପଡିଛି। ଦାନଗଦି ବ୍ଲକ ଅନ୍ତର୍ଗତ ମହାପାଟ ପଡିଆ ଠାରେ ଅନୁଷ୍ଠିତ ସୁକିନ୍ଦା ଶିଳ୍ପ ମହୋତ୍ସବରେ ଶୁଭଲକ୍ଷ୍ମୀଙ୍କୁ ସମ୍ମାନିତ କରାଯାଇଛି। ମହୋତ୍ସବ ମଞ୍ଚରେ ସୁକିନ୍ଦା ବ୍ଲକ ବିଡ଼ିଓ ପ୍ରଜ୍ଞାପରମିତା ପୃଷ୍ଟି, ଦାନଗଦି ବ୍ଲକ ବିଡ଼ିଓ ପ୍ରଦୀପ କୁମାର ସେଠୀ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସୁଜାତା ମହାପାତ୍ର, ସମାଜସେବୀ ରମଣୀ ରଞ୍ଜନ ବଳସାମନ୍ତ ଓ ଓଡ଼ିଶା ମାଇନିଂ ୱାର୍କର ୟୁନିୟନର ସଭାପତି ସବ୍ୟସାଚୀ ବଳସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ଶୁଭଲକ୍ଷ୍ମୀଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହ ଓ ପ୍ରେରଣା ଦେବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।



## ସମାଜସେବୀଙ୍କ ପରଲୋକ

ଅସୁରାଳି,୧୧।୨(ସମିସ): ହସନାବାଦ ପଞ୍ଚାୟତ ପଣ୍ଡା ସାହି ଗ୍ରାମର ସମାଜସେବୀ ତଥା ଅନୁକମ୍ପା ମହିଳା ସଂଗଠନର ଉପସଭାପତି ନମିତା ପଣ୍ଡାଙ୍କ ପିତା ମହେନ୍ଦ୍ର ପଣ୍ଡାଙ୍କର ୭୬ ବର୍ଷ ବୟସରେ ପରଲୋକ ହୋଇଛି। ଦୀର୍ଘ ୬ ବର୍ଷ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଘରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ଅନେକ ନେତା, ସମାଜସେବୀ ତଥା ଧୂଷୁରୀ ପ୍ରେସ୍ ୟୁନିୟନର ସଭାପତି ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ ମାଝୀ, ରମାକାନ୍ତ କୁଅଁର, ତନ୍ମୟ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇଥିଲେ। ତାଙ୍କ ବିୟୋଗରେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଆଶିଷ ଜେନା, ଚତୁର୍ଭୁଜ ନାୟକ, ଧୂଷୁରୀ ପ୍ରେସ୍ ୟୁନିୟନ ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅନୁକମ୍ପା ମହିଳା ସଂଗଠନର ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଳ ପ୍ରମୁଖ ଶୋକ ପ୍ରକାଶ କରିଥିଲେ। ମୁଖାଗ୍ନି ଦେଇଥିଲେ ମଧ୍ୟମ ପୁତ୍ର ପ୍ରମୋଦ ପଣ୍ଡା। ବଡ଼ ପୁତୁରା ଦେବେନ୍ଦ୍ର ପଣ୍ଡା, ସାନ ପୁଅ ପ୍ରିୟବ୍ରତ ପଣ୍ଡା ଉପସ୍ଥିତ ଥିଲେ।



## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ହରିହର ଭେଟ ପ୍ରସ୍ତୁତି

ଭଦ୍ରକ, ୧୧।୨ (ସମିସ): ଭଦ୍ରକ ଶ୍ରୀବାଳଗୋପାଳ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥଙ୍କ ସ୍ତୁତିପାଠ ପୂର୍ବକ ବାର୍ଷିକ ପ୍ରତିଷ୍ଠା ସମାରୋହର ଆୟବ୍ୟୟ ପାଠ କରାଯାଇ ଗୃହୀତ ହୋଇଥିଲା। ଏଥିରେ ଆସନ୍ତା ୧୫ ତାରିଖ ମହାଶିବରାତ୍ରୀ ଜାଗର ସମାରୋହରେ ଭଦ୍ରକର ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀଶ୍ରୀ ଆଖଣ୍ଡଳମଣି ପୀଠରେ ପତ୍ର ସମିତି ପକ୍ଷରୁ ଏକ ଅସ୍ଥାୟୀ ମଣ୍ଡପରେ ହରିହରଙ୍କ ସ୍ତୁତି, ଭଜନ, କୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଅନ୍ୟ ଏକ ପ୍ରସ୍ତାବରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରି କରାଯାଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଥିବାରୁ ସମିତି ପକ୍ଷରୁ ଏହାକୁ ଘୋର୍ ବିରୋଧ କରାଯିବା ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଓ ସଭାପତି ଠାକୁର ରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବ ମହାରାଜ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହା ବ୍ୟତୀତ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିବା, ମୋବାଇଲ୍ ବ୍ୟବହାର କରା ନ ଯିବାକୁ ଦୃଢ଼ ଦାବି କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଆବାହକ ଶରତ କୁମାର କର, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଦେ, ଉମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ଖଟୁଆ, କାଳନ୍ଦି ଚରଣ ପାଣିଗ୍ରାହୀ, ବାବୁଲାଲ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



